ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK पर्यवेक्षक
Vol.26 . No.110 Bhubaneswar Sunday June 04 2023 | ୨୬ତମ ବର୍ଷ ସଂଖ୍ୟା–୧୧୦ ଭୁବନେଶ୍ୱର, ରବିବାର, ଜୁନ ୦୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ୨୮୮ ଯାତ୍ରୀ ମୃତ, ୩୮୨ଜଣ ଚିକିତ୍ସାଧୀନ; ଶବ ଚିହ୍ନଟ ପାଇଁ ହେବ ଡିଏନଏ ପରୀକ୍ଷା



ବାଲେଶ୍ୱର,ସୋର, ଭଦ୍ରକ, ଭୁବନେଶ୍ୱର,୩।୬(ପି.ଏନ) (ସଞ୍ଜୟ ଦାସ, ରଜନୀକାନ୍ତ ସାମନ୍ତରାୟ, ସ୍ମରଜିତ ଆର୍ଯ୍ୟ ଓ ତାପସ ସାହୁ): ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ଭୟାବହ ଟ୍ରେନ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୮୮ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଶେଷ ବଗିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଓ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହାସହିତ ଶବ ଚିହ୍ନଟ ପାଇଁ ଆବଶ୍ୟକ ପଡିଲେ ରାଜ୍ୟ ଫୋରେନ୍ସିକ ଲ୍ୟାବ୍ ଦ୍ୱାରା ଡିଏନଏ ପରୀକ୍ଷା କରାଯିବ ବୋଲି ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେହିପରି ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଦୁର୍ଘଟଣାଗ୍ରସ୍ତ ୧୧୭୫ଜଣ ଯାତ୍ରୀ ଭର୍ତ୍ତି ହୋଇଥିଲେ ଓ ସେମାନଙ୍କ ମଧ୍ୟରୁ ୭୯୩ଜଣଙ୍କୁ ଇତିମଧ୍ୟରେ ଡିସଚାର୍ଜ କରାଯାଇଥିବାବେଳେ ୩୮୨ଜଣ ଚିକିତ୍ସାଧୀନ ଅଛନ୍ତି । ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଗୁରୁତର ରହିଛି ।ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ସଚିବ ଶ୍ରୀ ଜେନା କହିଛନ୍ତି ଯେ, ଟ୍ରେନ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୮୮ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ରେଳବାଇ କ୍ରେନ୍ ସହାୟତାରେ ଶେଷ ବଗିକୁ ଉଠାଯାଇ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯଦି କିଛି କେହି ମୃତାହତ ଠାବ ହୁଅନ୍ତି, ତା'ହେଲେ ସେ ସମ୍ପର୍କରେ ସୂଚନା ଦିଆଯିବ । କେନ୍ଦ୍ର କ୍ୟାବିନେଟ୍ ସଚିବ ଓ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ପରାମର୍ଶ ତଥା ଭୁବନେଶ୍ୱରସ୍ଥିତ ଏମସ ନିର୍ଦ୍ଦେଶକଙ୍କ ସହ ବିଚାରବିମର୍ଶ ପରେ ରାଜ୍ୟ ସରକାର ୧୬୦ଜଣ ଯାତ୍ରୀଙ୍କ ଶବକୁ ଭୁବନେଶ୍ୱର ଆଣିବାକୁ ନିଷ୍ପତ୍ତି ନେଇଛନ୍ତି । ଏସବୁ ଶବକୁ ଏମସ୍ ଓ ଭୁବନେଶ୍ୱରରେ ଥିବା ବିଭିନ୍ନ ହସ୍ପିଟାଲର ଶବଗୃହରେ ରଖାଯିବ । ସେମାନଙ୍କ ସମ୍ପର୍କୀୟମାନେ ଆସିଲେ ରାଜ୍ୟ ସରକାରଙ୍କ ଅଫିସରମାନେ ସେସବୁ ସ୍ଥାନକୁ ନେଇ ଶବ ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ କରିବେ । ପ୍ରତ୍ୟେକ ଶବ ରହିଥିବା ବ୍ୟାଗରେ ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ଫଟୋ ରହିଛି । ଯାହାଫଳରେ ସେମାନଙ୍କ ସମ୍ପର୍କୀୟମାନେ ଚିହ୍ନଟ କରିବା ସହଜ ହେବ । ରାଜ୍ୟ ସରକାର ମଧ୍ୟ ଚିହ୍ନଟ ହୋଇପାରୁନଥିବା ଶବର ଡିଏନଏ ନମୂନା ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ଫୋରେନ୍ସିକ ଲ୍ୟାବକୁ କହିଛନ୍ତି । ଯେଉଁ ଶବଗୁଡିକର କେହି ଦାବିଦାର ନଥିବେ ତା'ର ପୋଷ୍ଟମର୍ଟମ ୪୮ଘଣ୍ଟା ଭିତରେ ମେଡିକୋ-ଲିଗାଲ୍ ଆଇନ ଅନୁସାରେ କରାଯିବ । ରାଜ୍ୟ ସରକାର ଏବେ ଶବ ଚିହ୍ନଟ, ଶବ ହସ୍ତାନ୍ତର ଓ ସେସବୁକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି ।




## ଉଦ୍ଧାର କାର୍ଯ୍ୟରେ ସହଯୋଗ ଲାଗି ସ୍ଥାନୀୟ ଲୋକଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସକାଳେ ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଷ୍ଟେସନ୍ ଠାରେ ଘଟିଥିବା ଭୟାନକ ଦୁର୍ଘଟଣାସ୍ଥଳରେ ପହଂଚି ସେଠାରେ ସ୍ଥିତିର ସମୀକ୍ଷା କରିଛନ୍ତି । ସେ ଦୁର୍ଘଟଣାସ୍ଥଳରେ ପହଂଚି ରେଳବାଇର ବରିଷ୍ଠ ଅଧିକାରୀ ଓ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏହା ପରେ ସେ ସାମ୍ବାଦିକ ମାନଙ୍କୁ କହିଛନ୍ତି, " ଏହା ଅତ୍ୟନ୍ତ ଦୁଃଖଦ ଟ୍ରେନ୍ ଦୁର୍ଘଟଣା ।ମୋତେ ସ୍ଥାନୀୟ ଦଳ, ସ୍ଥାନୀୟ ଲୋକ ଏବଂ ଅନ୍ୟମାନଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। ଯେଉଁମାନେ ଲୋକଙ୍କୁ ରକ୍ଷା କରିବା ପାଇଁ ରାତାରାତି କାର୍ଯ୍ୟ କରିଛନ୍ତି। ରେଳ ସୁରକ୍ଷାକୁ ସର୍ବଦା ପ୍ରଥମ ଗୁରୁତ୍ୱ ଦିଆଯିବା ଉଚିତ୍ । ପୀଡ଼ିତ ଲୋକଙ୍କୁ ବାଲେଶ୍ୱର ଏବଂ କଟକ ବଡ଼ ଡାକ୍ତରଖାନାକୁ ନେବାକୁ ପଡ଼ିବ ଯାହା ଦ୍ୱାରା ସେମାନେ ଯଥାଶୀଘ୍ର ସୁସ୍ଥ ହୋଇଯିବେ ।ଏହାପରେ ସେ ବାଲେଶ୍ୱର ମେଡିକାଲ କଲେଜକୁ ଯାଇ ଆହତଙ୍କୁ ଭେଟିଛନ୍ତି ଓ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଓଡିଶା ଇତିହାସର ସବୁ ଠାରୁ ବଡ ଓ ଭୟଙ୍କର ଟ୍ରେନ ଦୁର୍ଘଟଣା: ଗଲା ୨୮୮ ଜଣଙ୍କ ଜୀବନ





ଭୁବନେଶ୍ୱର,୩।୬(ପି.ଏନ): ଓଡିଶା ଇତିହାସର ସବୁଠାରୁ ବଡ ଟ୍ରେନ ଦୁର୍ଘଟଣା ପୂରା ବିଶ୍ୱକୁ ସ୍ତବ୍ଧ କରି ଦେଇଛି । ବାଲେଶ୍ୱର ବାହାନଗାରେ ତିନି ତିନିଟି ଟ୍ରେନ୍ ମଧ୍ୟରେ ହୋଇଥିବା ଭୟଙ୍କର ଧକ୍କା ସମସ୍ତଙ୍କୁ ଚକିତ କରିଛି। ଦେଶର ଅନ୍ୟତମ ଟ୍ରେନ ଟ୍ରାଜେଡିରେ ବର୍ତ୍ତମାନ ସୁଦ୍ଧା ୨୮୮ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି ।ଏଥିରେ ୮୦୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୬ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।ଶୁକ୍ରବାର ଲୌହ ଦାନବର ରକ୍ତ ଭୋଜି ଉଜାଡି ଦେଇଛି ଅନେକଙ୍କ ସ୍ୱପ୍ନ। ଛାରଖାର କରିଦେଇଛି ବହୁ ପରିବାରର ଖୁସି। କିଏ ନିଜ ବାପାଙ୍କୁ ହରାଇଛି ତ ଆଉ କିଏ ନିଜ ପୁଅ, ସ୍ୱାମୀ ଓ ଝିଅଙ୍କୁ ହରାଇଛି ।ମାତ୍ର କିଛି ମିନିଟ ମଧ୍ୟରେ ସବୁ କିଛି ଛାରଖାର ହୋଇ ଯାଇଛି । ଶୁକ୍ରବାର ସନ୍ଧ୍ୟାରେ କିଏ ବାପା-ମାଆଙ୍କ ସହ ମାମୁ ଘରକୁ ବାହାରି ଥିଲା ତ ଆଉ କିଏ ଛୁଟି କାଟିବାକୁ ନିଜ ଘରକୁ ଫେରୁଥିଲେ । ସମସ୍ତେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଅପେକ୍ଷା କରିଥିବା ବେଳେ ବାହାନଗା ବଜାର ଷ୍ଟେସନ ଠାରୁ ୩୦୦ ମିଟର ଦୂରରେ ଘଟିଥିଲା ଅଘଟଣ।

## ଭୁବନେଶ୍ୱର ଆସିବ ୧୬୦ ମୃତଦେହ

ଭୁବନେଶ୍ୱର , ୩।୬(ପି.ଏନ): ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ଶବ ଭୁବନେଶ୍ୱର ଅଣାଯିବ। ଚିହ୍ନଟ ହୋଇପାରି ନଥିବା ୧୬୦ ମୃତଦେହ ଭୁବନେଶ୍ୱରକୁ ଅଣାଯିବ ବୋଲି ମୁଖ୍ୟ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେଉଁ ପର୍ଯ୍ୟନ୍ତ ପରିବାର ମୃତ ଶରୀରକୁ ଚିହ୍ନଟ କରିନାହିଁ ସେପର୍ଯ୍ୟନ୍ତ ଏମ୍ସ ସମେତ ରାଜଧାନୀର ବିଭିନ୍ନ ସରକାରୀ ଓ ବେସରକାରୀ ଶବ ଗୃହରେ ମୃତଦେହକୁ ରଖାଯିବ। ୧୬୦ ରୁ ଅଧିକ ମୃତଦେହ କାଲି ଭୁବନେଶ୍ୱରରେ ପହଂଚିବ। ମୃତ ଶରୀରକୁ ଘରକୁ ନେବା ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ୩୦ରୁ ୪୦ ମୃତ ଯାତ୍ରୀଙ୍କ ପରିଚୟ ମିଳିଲାଣି। ପରିବାର ଲୋକେ ମୃତଦେହ ନେଲେଣି।

## ୱାଲଟିୟର ଡିଆରଏମ୍ ଅନୁପ ଶତପଥୀ ନିଜ ଟିମ ସହ ଘଟଣା ସ୍ଥଳରେ

ଭୁବନେଶ୍ୱର,୩।୬(ପି.ଏନ):ୱାଲଟିୟର ଡିଆରଏମ୍ ଅନୁପ ଶତପଥୀ ନିଜ ଟିମ ସହ ଏକ ସ୍ୱତନ୍ତ୍ର ଟ୍ରେନରେ ବିଶାଖପାଟଣମ୍‌ରୁ ଆସି ଦୁର୍ଘଟଣାସ୍ଥଳରେ ମଧ୍ୟ ରାତ୍ରରେ ପହଁଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ ଜି. ଅମର ନାଥ, ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।



## ଝଲସୁଛି ସ୍ନାନବେଦି ଭକ୍ତଙ୍କୁ ଦର୍ଶନ ଦେବ ଦୀନବନ୍ଧୁ
### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ମାର୍କେଟ ଛକରୁ ବ୍ୟାରିକେଡ଼



ପୁରୀ, ୩।୬(ପି.ଏନ): ଭକ୍ତପ୍ରିୟ ଭଗବାନ । ଗୀଷ୍ମ ତାତିରୁ ରକ୍ଷା ପାଇଁ ଭଗବାନ ମଧ୍ୟ ସ୍ନାନ କରିବେ । ଏଥିପାଇଁ ସ୍ନାନବେଦି ସଜେଇ ହୋଇଛି । ପାରମ୍ପରିକ ଚିତ୍ରକରମାନେ ସ୍ନାନମଣ୍ଡପକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରିଛନ୍ତି । ଆସନ୍ତା କାଲି ରବିବାର ପଡୁଥିବାରୁ ହଜାର ହଜାର ଭକ୍ତ ସ୍ନାନ ବେଦିରେ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ ପାଇଁ ଛୁଟି ଆସିବେ ଶ୍ରୀକ୍ଷେତ୍ରକୁ । ସ୍ନାନବେଦି ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଭକ୍ତ ଧନ୍ୟ ହେବ । ଭକ୍ତର ଗୁହାରି ଅନୁସାରେ ମହାପ୍ରଭୁଙ୍କ ହାତୀବେଶ ଅନୁଷ୍ଠିତ ହେଉଛି । ଶୁକ୍ରବାର ପୂର୍ବାହ୍ନରୁ ଦଇତାପତିମାନେ ସେମାନଙ୍କ ସେବା ଆରମ୍ଭ କରିଛନ୍ତି । ସେନାପଟା ଲାଗି ଓ ଚାରମାଳ ବନ୍ଧାଯାଇଛି । ସୁନା କୁଅରୁ ୧୦୮ ଜଳପୂର୍ଣ୍ଣ କୁମ୍ଭ ଅଧିବାସ ଗୃହରେ ମନ୍ତ୍ର ଉଚ୍ଚାରଣ ସହ ରଖାଯାଇଛି । ୧୦୮ ଜଳପୂର୍ଣ୍ଣ କୁମ୍ଭ ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ୩୫ଟି, ଶ୍ରୀବଳଭଦ୍ରଙ୍କ ୩୩,ମା ସୁଭଦ୍ରାଙ୍କ ୨୨ ଓ ଶ୍ରୀସୁଦର୍ଶନଙ୍କ ପାଇଁ ୧୮ଟି ଜଳପୂର୍ଣ୍ଣ କୁମ୍ଭର ଜଳରେ ସ୍ନାନ କରିବେ । ଦଇତାପତି, ଗରାବଡୁ ସେବାୟତ ଓ ବିଧି ମୁତାବକ ନିୟୋଜିତ ସେବାୟତମାନେ ଏହି ଜଳ ଲାଗି କାର୍ଯ୍ୟ ସମାପନ କରିବେ । ମାର୍କେଟ ଛକରୁ ୩ ଥାକିଆ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି । ମନ୍ଦିର ଭିତରେ ଓ ବାହାରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସିସିଟିଭି ୨୪ ଘଂଟିଆ ନଜର ରଖିବ ଭକ୍ତଙ୍କ ଉପରେ । କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂହଙ୍କ ନେତୃତ୍ୱରେ ୭୪ ପ୍ଲାଟୁନ ପୋଲିସ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହୋଇଛନ୍ତି । ଦଇତାପତି ସେବକମାନେ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେବେ । ରବିବାର ଭୋର ୪ଟାରୁ ପହଣ୍ଡି କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରାକ୍ ବ୍ୟବସ୍ଥା କରାଯାଇଛି । କୋଠ ସୁଆଁସିଆ ସେବକମାନେ ରତ୍ନ ସିଂହାସନ ଉପରୁ ଚାରମାଳ ବାନ୍ଧିବା କାର୍ଯ୍ୟ ଶେଷ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି କେ.ବିଶାଳ ସିଂହ ସମସ୍ତ କାର୍ଯ୍ୟକୁ ତଦାରଖ କରୁଛନ୍ତି । ଆଜି ରାତିରୁ ସ୍ନାନ ବେଦିରେ ଆଲୋକମାଳା ଓ ଫୁଲରେ ସଜା ଯାଉଛି । ସ୍ନାନ ବେଦି ଉପର ଚାନ୍ଦୁଆ ବେଶ ଆକର୍ଷଣୀୟ ହୋଇଛି । ଭକ୍ତପ୍ରିୟ ଭଗବାନ ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ଆଜି ଠାରୁ ବଡଦାଣ୍ଡରେ ଭକ୍ତଙ୍କ ଗହଳି ବଢିବାରେ ଲାଗିଛି । ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ମେଡ଼ିକାଲ ଛକରୁ ମରଚିକୋଟ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରୁ ଉଠାଦୋକାନି ମାନଙ୍କୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ମହାପ୍ରଭୁଙ୍କୁ ସ୍ନାନ ବେଦିରେ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଭକ୍ତଙ୍କ ଓ ସାଧୁସନ୍ଥଙ୍କ ସମେତ ସ୍ନାନବେଦି ଅପେକ୍ଷା କରିଛି ଚତୁର୍ଦ୍ଧାମୂର୍ତ୍ତିଙ୍କୁ।

## ଦୁର୍ଘଟଣାସ୍ଥଳରେ ସ୍ଥିତି ପରଖିଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ୨ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୨କେନ୍ଦ୍ରମନ୍ତ୍ରୀ



ବାଲେଶ୍ୱର,୩।୬(ପି.ଏନ): ଓଡିଶା ଇତିହାସରେ ସର୍ବବୃହତ୍ ତଥା ଭୟାବହ ଟ୍ରେନ ଦୁର୍ଘଟଣାରେ ୨୬୧ଜଣଙ୍କ ମୃତ୍ୟୁ ଓ ୧୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗତକାଲି ସନ୍ଧ୍ୟା ୭ଟାରେ ହୋଇଥିବା ଏହି ଦୁର୍ଘଟଣାର ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇଛି ତଥା ଏବେବି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଥିବାବେଳେ ଆଜି ଦିନତମାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାସ୍ଥଳ ଗସ୍ତ କରି ସ୍ଥିତି ପରଖିବା ସହ ଆହତଙ୍କୁ ଭେଟିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସକାଳ ୮ଟା ସୁଦ୍ଧା ଦୁର୍ଘଟଣାସ୍ଥଳରେ ପହଂଚି ସ୍ଥିତିର ଅନୁଧ୍ୟାନ କରିବା ସହ ଆହତଙ୍କୁ ଭେଟିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଓ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଘଟଣାସ୍ଥଳକୁ ଯାଇ ଆହତଙ୍କୁ ଭେଟିଛନ୍ତି । ସେହିପରି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏବେବି ଘଟଣାସ୍ଥଳ ଉପସ୍ଥିତ ଥିବାବେଳେ ତାମିଲନାଡୁ ସରକାରଙ୍କ ୩ଜଣ ମନ୍ତ୍ରୀ ମଧ୍ୟ ବାଲେଶ୍ୱରରେ ଡେରା ପକାଇଥିବା ଜଣାପଡିଛି ।ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ, ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ସରକାର ସବୁ ପ୍ରକାରର ପ୍ରୟାସ କରୁଥିବାବେଳେ ମୃତକଙ୍କ ଚିହ୍ନଟ କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାସ୍ଥଳକୁ ଯାଇ କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ସେ ନେଇ ଉଭୟ ଜିଲ୍ଲା ପ୍ରଶାସନ ଓ ରେଳବାଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହାପରେ ବାଲେଶ୍ୱର ହସ୍ପିଟାଲ ଯାଇ ରୋଗୀଙ୍କୁ ଭେଟି ସେମାନଙ୍କର ମନୋବଳ ବୃଦ୍ଧି କରିଛନ୍ତି । ଏହାସହିତ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ଓଡିଶା ସରକାର, ସ୍ଥାନୀୟ ଲୋକେ, ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀ, ପୁଲିସ, ବରିଷ୍ଠ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦୁର୍ଘଟଣାସ୍ଥଳରୁ ପ୍ରଧାନମନ୍ତ୍ରୀ ଟେଲିଫୋନରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟା ଓ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କ ସହ କଥା ହୋଇ ଆହତଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ପଦକ୍ଷେପ ନେବା ନିମନ୍ତେ କହିଛନ୍ତି । ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଓ ଯିଏବି ଦୋଷୀ ବୋଲି ଚିହ୍ନଟ ହେବ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଗସ୍ତସମୟରେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସ୍ଥାନୀୟ ଅଧିକାରୀ, ରେଳବାଇ ଅଧିକାରୀ ଓ ସୁରକ୍ଷା କର୍ମୀମାନଙ୍କ ସହ କଥା ହୋଇ ସେମାନଙ୍କ ଉତ୍ସାହ ବୃଦ୍ଧି କରିଛନ୍ତି । ଆହତ ଓ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ଏବଂ ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କ ପରିବାରର ନିଶ୍ଚିତ ଭାବେ ସ୍ୱତନ୍ତ୍ର ଯତ୍ନ ସରକାର ନେବେ ବୋଲି ସେ ଆଶ୍ୱସ୍ତ କରିଛନ୍ତି । ଦୁର୍ଘଟଣା ଯୋଗୁ ବିଭିନ୍ନ ସ୍ଥାନରେ ଫସି ରହିଥିବା ଯାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ପରିବହନ ସୁବିଧା ଯୋଗାଇ ଦିଆଯାଇଛି । ଓଡିଶା ଓ ପଶ୍ଚିମବଙ୍ଗର ଯାତ୍ରୀମାନଙ୍କୁ ମାଗଣାରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଂଚାଯାଉଛି । ସେମାନଙ୍କୁ ପାଣି ବୋତଲ ଓ ବିସ୍କୁଟ ଦିଆଯାଇଛି ।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସଫଳତା



ଚଣ୍ଡିଖୋଲ,୩।୬(ପି.ଏନ): ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଫଳାଫଳ କ୍ରମାଗତ ଦୁଇ ବର୍ଷ ଧରି ଓଡିଶା ର ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ରହି ଆସୁଅଛି। ଚଳିତ ବର୍ଷ ବାଣିଜ୍ୟ ରେ ୬୧ ଜଣ ପରୀକ୍ଷା ପାଇଁ ନାମଲେଖା କରିଥିବା ବେଳେ ଦୁଇଜଣ ସମ୍ପୂର୍ଣ୍ଣ ପରୀକ୍ଷା ଦେଇନଥିଲେ ୫୯ ଜଣ ମଧ୍ୟରୁ ୫୭ ଜଣ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ୧୯ ଜଣ ପ୍ରଥମ ଶ୍ରେଣୀରେ ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୬ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। କଲେଜ ର ମେଧାବୀ ଛାତ୍ରୀ ଧରିତ୍ରୀ ସାହୁ ୫୪୦ ନମ୍ବର ରଖି ଓଡିଶା ର ଶ୍ରେଷ୍ଠ ୧୦୦ ଜଣ ଙ୍କ ମଧ୍ୟରେ ସ୍ଥାନ ପାଇ କଲେଜ ର ଗୌରବ ବୃଦ୍ଧି କରିଥିବାରୁ ବାଣିଜ୍ୟ ଭିଭାଗ ର ମୁଖ୍ୟ ତପନ କୁମାର ଜେନା ଓ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଖୁସି ବ୍ୟକ୍ତ କରିବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସଫଳତାରେ କଲେଜ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ଗଭୀର ଆନନ୍ଦ ପ୍ରକାଶ କରିଛନ୍ତି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ôଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।




# କେତେ ପାରଙ୍ଗମ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ! !

**ଶରତ କୁମାର ରାଉତ**



ଓଡ଼ିଶା ରାଜ୍ୟ ସଚିବାଳୟର ତୃତୀୟ ମହଲା କିଛିବର୍ଷ ତଳୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜନୈତିକ ନେତା ହୁଅନ୍ତୁ କି ସାଧାରଣ ଲୋକେ କି ଅନ୍ୟ କେହି, ସରକାରୀ ସ୍ତରରେ ନିଜର ସ୍ୱାର୍ଥରେ ସାମାନ୍ୟ ଆଂଚ ଆସିଲେ, ସେମାନେ ସିଧା ତୃତୀୟ ମହଲାକୁ ଇଂଗିତ କରିଥାନ୍ତି। ମୁଖ୍ୟତଃ ବିଭିନ୍ନ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କୁ ସମାଲୋଚନା କରନ୍ତି। ଏହାର କାରଣ ହୁଏତ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କୁ ପ୍ରକାଶ୍ୟରେ ସମାଲୋଚନା କରିବାର ସତ୍‌ସାହସ କାହାରି ନାହିଁ। ପ୍ରାୟ ସମସ୍ତଙ୍କର କହିବା କଥା ଯେ, ନବୀନବାବୁ ବେଶ୍ ଭଲ ଲୋକ। ଏହି ହିସାବରେ ତାଙ୍କର ବ୍ୟକ୍ତିଗତ ସଚିବ ବା ପରାମର୍ଶଦାତା ନିଶ୍ଚୟ ଜଣେ ଅମାୟିକ ମଣିଷ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଶାସନ କରିବାର କ୍ଷମତା କେବଳ ମୁଖ୍ୟମନ୍ତ୍ରୀଙ୍କର ରହିଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସମେତ କୌଣସି ଅଫିସରଙ୍କର ନିଜସ୍ୱ କାର୍ଯ୍ୟ କରିବାର ଅଧିକାର କିଛି ନାହିଁ। ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶରେ ବା ସେ ଯାହା ଚାହୁଁଛନ୍ତି, ତାହା ହିଁ ଅଫିସରମାନେ କରୁଛନ୍ତି। ଯେଉଁ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ଚାହିଁବେ, ତାଙ୍କର କ୍ଷମତା-ପ୍ରତିପତି ସବୁ ଉଭେଇଯିବ। ମାତ୍ର କିଛି ଲୋକଙ୍କର ଧାରଣା ଯେ, ଅନ୍ୟ କେହି ଲୋକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରୁଛି ଓ ତାଙ୍କ ପରାମର୍ଶରେ ମୁଖ୍ୟମନ୍ତ୍ରୀ ଶାସନ କରୁଛନ୍ତି। ୨୦୧୨ ପୂର୍ବରୁ କୁହାଯାଉଥିଲା ଯେ, ପ୍ୟାରୀମୋହନ ମହାପାତ୍ର ସବୁ କରୁଛନ୍ତି ଓ ମୁଖ୍ୟମନ୍ତ୍ରୀ କେବଳ ମୋହର ମାରୁଛନ୍ତି। ସେହିପରି ଏବେ ଅଧିକାଂଶ ଲୋକଙ୍କର ଧାରଣ ଯେ, ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ୍ ସବୁକିଛି କରୁଛନ୍ତି। ଅବଶ୍ୟ ରାଜ୍ୟ ମୁଖ୍ୟ ହିସାବରେ ମୁଖ୍ୟମନ୍ତ୍ରୀ କାହାର ପରାମର୍ଶ ନେବା ଏକ ସାଧାରଣ କଥା। ମାତ୍ର ଘଟଣା ପ୍ରବାହରୁ ମନେହୁଏ, ନବୀନବାବୁଙ୍କ ନିଷ୍ପତି ସର୍ବଦା ସ୍ୱତନ୍ତ୍ର। ସମସ୍ତେ ଜାଣନ୍ତି ଯେ, ମୁଖ୍ୟମନ୍ତ୍ରୀ ନବିନବାବୁ ଭଲ ଭାବରେ ଓଡ଼ିଆ କହିପାରନ୍ତି ନାହିଁ। ଅଳ୍ପ କଥା କୁହନ୍ତି। ତଥାପି ଲୋକମାନେ ତାଙ୍କୁ ବହୁତ ଭଲ ପାଉଛନ୍ତି। ବିପୁଳ ସମର୍ଥନ ଦେଉଛନ୍ତି। ସେଥିପାଇଁ ବିଜେଡ଼ିର ଭୋଟ ହାର ଆଶାତୀତ ଭାବେ ବଢି ଚାଲିଛି। ଏପରିକି ବିଭିନ୍ନ ରାଜନୀତିକ ଦଳର ବଡ଼ବଡ଼ ନେତାମାନେ ନବୀନବାବୁଙ୍କ ଆଦର୍ଶରେ ଆକର୍ଷିତ ହୋଇ ବିଜେଡ଼ିରେ ଯୋଗ ଦେଉଛନ୍ତି। ନେତାମାନଙ୍କ ଭିତରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ବିଜେଡ଼ି ଟିକଟ ବିନା ବିଧାୟକ ବା ସାଂସଦ ଭାବେ ନିର୍ବାଚିତ ହେବା ସମ୍ଭବ ନୁହେଁ। ଏହାର ମୂଳ କାରଣ ହେଲା, ସମସ୍ତ ସରକାରୀ ସେବା ଠିକ୍ ସମୟରେ ସାଧାରଣ ଲୋକଙ୍କ ପାଖରେ ପହଂଚୁଛି। ବିଭିନ୍ନ ଉନ୍ନୟନ ଯୋଜନାର ଲାଭ ଲୋକେ ପାଉଛନ୍ତି। ରାଜ୍ୟ ବିକାଶ ପଥରେ ଆଗଉଛି। ବେଶ ଖୁସିରେ ଅଛନ୍ତି ରାଜ୍ୟବାସୀ।

ବାସ୍ତବତା ଦେଖାଗଲେ, ଶ୍ରୀ ପାଣ୍ଡିଆନ୍ ହେଉଛନ୍ତି ଓଡ଼ିଶାର ଜଣେ ଚର୍ଚ୍ଚିତ ଚେହେରା। ତାଙ୍କର ଘର ତାମିଲନାଡୁ ରାଜ୍ୟରେ। ୨୦୦୦ ମସିହା ଆଇଏଏସ୍ ବ୍ୟାଚ୍ ଓ ଓଡ଼ିଶାରେ ସରକାରୀ ଚାକିରିରେ ଯୋଗ ଦିଅନ୍ତି ୨୦୦୨ ମସିହା ସେପ୍ଟେମ୍ବର ୪ତାରିଖରେ। ତାଙ୍କର ସହଧର୍ମିଣୀ ସୁଜାତା ରାଉତ ମଧ୍ୟ ୨୦୦୦ ମସିହା ଆଇଏଏସ୍ ବ୍ୟାଚ୍ ଓ ୨୦୦୨ ମସିହା ସେପ୍ଟେମ୍ବର ୪ ତାରିଖରେ ଓଡ଼ିଶାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ଆଇଏଏସ୍ ସୁଜାତା ରାଉତ ଜଣେ ଓଡ଼ିଆ ଝିଅ। ତାଙ୍କର ଘର କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଅଂଚଳରେ। ପରେ ସେ ନିଜ ସାଙ୍ଗିଆ ବଦଳାଇଥିଲେ, "ସୁଜାତା (ରାଉତ) କାର୍ତ୍ତିକେୟନ୍"। ବର୍ତ୍ତମାନ ସେ ମହିଳା ଓ ଶିଶୁ ବିକାଶ ବିଭାଗରେ 'ମିଶନ ଶକ୍ତି'ର କମିସନର ତଥା ନିର୍ଦ୍ଦେଶକ ପଦରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଜିଲ୍ଲାରେ ଶ୍ରୀ ପାଣ୍ଡିଆନ୍ ଜିଲ୍ଲାପାଳ ଥିଲା ବେଳେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇ ସଂପୃକ୍ତ ଜିଲ୍ଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ତାଙ୍କର ନିଷ୍ଠାପର କାର୍ଯ୍ୟ ଯୋଗୁ ସେହିସବୁ ଅଂଚଳରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଅପରାଧ ହ୍ରାସ ପାଇଥିଲା। ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଲାଭ ସିଧା ଗରିବ ଲୋକଙ୍କ ପାଖରେ ପହଂଚି ପାରିଥିଲା। ୨୦୧୧ ମଇ ୨ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ନିଜର ନିଷ୍ଠାପର କାର୍ଯ୍ୟ ଯୋଗୁ କ୍ରମେ ଶ୍ରୀ ପାଣ୍ଡିଆନ୍ ରାଜ୍ୟର ସବୁଠୁ ପ୍ରଭାବଶାଳୀ ସରକାରୀ ଅଫିସର ଭାବେ ପରିଚିତ ହୋଇଗଲେ। ତାଙ୍କୁ ମଧ୍ୟ ରାଜ୍ୟ ସରକାରଙ୍କ କ୍ଷମତାର ଦ୍ୱିତୀୟ କେନ୍ଦ୍ର ବୋଲି କୁହାଯାଇଆସୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାରୀ ନୀତି ଓ ନିଷ୍ପତିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଅଫିସରମାନଙ୍କର କର୍ତବ୍ୟ। ଏସବୁ ନିର୍ଦ୍ଧାରିତ ନିୟମ ଅନୁସାରେ ହୋଇଥାଏ। ଅଫିସରମାନେ ନିଜ କର୍ତବ୍ୟ ବା ସରକାରଙ୍କ ନିର୍ଦ୍ଦେଶକୁ ନିୟମିତ ପାଳନ କରି କାର୍ଯ୍ୟକାରୀ କରନ୍ତି। ସେମାନେ ଏକପାଖିଆ କୌଣସି ନିଷ୍ପତି ନେଇପାରିବେ ନାହିଁ। ବିଭିନ୍ନ ନିୟମ-କାନୁନ ମଧ୍ୟରେ ରହି ସେମାନେ କାମ କରନ୍ତି। ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ସହାୟକ ବା ପରାମର୍ଶଦାତା ଭାବେ ରାଜ୍ୟରେ ନବୀନବାବୁଙ୍କ ବିକାଶର ଧାରାକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ହୁଏତ ଏହି କାରଣରୁ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଶାସକ ଦଳର ହିରୋ ବା ଚାଣକ୍ୟ ବୋଲି ବିଭିନ୍ନ ମହଲରେ କୁହାଯାଉଛି। ଜଣାପଡୁଛି, ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କର ଏକାନ୍ତ ବିଶ୍ୱସ୍ତ। ବାସ୍ତବରେ ସେ ଜଣେ ସୁଦକ୍ଷ, ସଚ୍ଚୋଟ ଓ ନିର୍ମଳ ଭାବମୂର୍ତିସଂପନ୍ନ ଆଇଏଏସ୍ ଅଫିସର। ହୁଏତ ଏଥିପାଇଁ ଶ୍ରୀ ପାଣ୍ଡିଆନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ମୁଖ୍ୟମନ୍ତ୍ରୀ



ନବୀନବାବୁ ଶ୍ରୀ ପାଣ୍ଡିଆନ୍‌ଙ୍କ ବ୍ୟତୀତ ଅନ୍ୟମାନଙ୍କଠାରୁ ବି ପରାମର୍ଶ ନେଉଥାଇପାରନ୍ତି, ହେଲେ ସେ ନିଜ ମନ-ମସ୍ତିଷ୍କରେ ବ୍ୟାପକ ସମୀକ୍ଷା କରି ତାହା କାର୍ଯ୍ୟକାରୀ କରନ୍ତି। ଏପରିକି ଯଦିଓ ଶ୍ରୀ ପାଣ୍ଡିଆନ୍ କିମ୍ବା ଆଉ କାହା ପରାମର୍ଶରେ ରାଜନୈତିକ ନିଷ୍ପତି ନେଉଥା'ନ୍ତି, ତେବେ ଏଥିରେ କାହାର କିଛି କହିବାର ନାହିଁ। ଏହା ସ୍ୱାଭାବିକ ପ୍ରକ୍ରିୟା।

ରାଜନୀତିରେ ଜଣଙ୍କ ଉପରେ ନିର୍ଭର କରିବା ବା ଶାସନ କାର୍ଯ୍ୟରେ ପରାମର୍ଶ ନେବା କିଛି ନୂଆ କଥା ନୁହେଁ। ପଣ୍ଡିତ ନେହରୁ କୃଷ୍ଣ ମେନନ୍‌ଙ୍କ ଉପରେ ନିର୍ଭରଶୀଳ ଥିଲେ। ସୋନିଆ ଗାନ୍ଧିଙ୍କର ସମସ୍ତ କାର୍ଯ୍ୟ ପ୍ରଚ୍ଛଦପଟରେ ଭି. ଜର୍ଜ ହିଁ କରିଥାନ୍ତି। ଜାନକୀବାବୁଙ୍କ ସମୟରେ ବସନ୍ତ ବିଶ୍ୱାଳଙ୍କୁ ସୁପର ଚିଫ୍ ମିନିଷ୍ଟର କୁହାଯାଉଥିଲା। ପୂର୍ବରୁ ପ୍ୟାରୀମୋହନ ମହାପାତ୍ର ବିଜେଡ଼ିର ସମସ୍ତ ଦଳୀୟ କାର୍ଯ୍ୟ ବୁଝୁଥିଲେ।

ତେବେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ଅନ୍ୟାନ୍ୟ ରାଜ୍ୟଠାରୁ ଭିନ୍ନ। ଗତ ତିନିବର୍ଷ ଭିତରେ ନବୀନ ସରକାର ସାମ୍ନା କରିଥିଲା କୋଭିଡ୍ ଭଳି ମହାମାରୀକୁ। ଏହି ସମୟରେ ବିଭିନ୍ନ ସମସ୍ୟାର ସଫଳ ମୁକାବିଲା ସହ ବିକାଶର ନୂଆ ଅଧ୍ୟାୟ ଲେଖି ଓଡ଼ିଶା ପାଲଟିଛି ବିଶ୍ୱର ରୋଲ୍ ମଡ଼େଲ୍। ଆଉ ସବୁ ସଫଳତା ପଛରେ ରହିଛି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସଫରମେସନ୍। ଏହି ୫-ଟି ମନ୍ତ୍ରରେ ଆଗେଇ ଚାଲିଛି ଓଡ଼ିଶା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ ଆଦି ସବୁଥିରେ ଆସିଛି ଯୁଗାନ୍ତକାରୀ ପରିବର୍ତ୍ତନ। ନବୀନ ପଟ୍ଟନାୟକଙ୍କ ୨୨ ବର୍ଷର ଲଗାତାର ଶାସନ ଭିତରେ ଗତ ତିନିବର୍ଷରେ ପ୍ରଶାସନିକ ବ୍ୟବସ୍ଥାରେ ଆସିଛି ବୈପ୍ଳବିକ ରୂପାନ୍ତରଣ। ଇତିମଧ୍ୟରେ ଆହୁରି ସକ୍ରିୟ ହୋଇଛି ସରକାରୀ କଳ। କରୋନା ମହାମାରୀ ସମୟରେ ବି ପ୍ରାଥମିକ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ଓଡ଼ିଶା। ଏସବୁ ସମ୍ଭବ ହୋଇଛି ୫-ଟିର ସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ। ସେହିପରି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆସିଛି। ଗରିବ ଲୋକମାନଙ୍କୁ ନିର୍ଭୟ କରାଇ ଦେଇଛି 'ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼"। ତେବେ ୫-ଟି ଯୋଜନାରେ ଏସ୍‌ସିବିର ନବକଳେବର କାର୍ଯ୍ୟ ଆରମ୍ଭ ହୋଇଛି। ଏପରିକି କୋଭିଡ୍ ମୁକାବିଲା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଦ୍ଧକାଳୀନ ଭିତିରେ ମଜଭୁତ ଭିତିଭୂମି ଛିଡ଼ା କରାଇପାରିଥିଲା, ଯାହା କଳ୍ପନାର ବାହାରେ ଥିଲା। ଏହା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ବୃଦ୍ଧିର ମୁଖ୍ୟ କାରଣ।

ବାସ୍ତବରେ ୨୪ ବର୍ଷ ତଳର ବିଜୁବାବୁଙ୍କ ପୁତ୍ର ନବୀନ ଆଉ ପୁରୁଣା ନବୀନ ହୋଇ ନାହାନ୍ତି। ଆଜି ସେ ଓଡ଼ିଶା ରାଜନୀତିର କେନ୍ଦ୍ରବିନ୍ଦୁ। ଓଡ଼ିଶାବାସୀଙ୍କର ହର୍ତାକର୍ତା। ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ନବୀନବାବୁଙ୍କୁ ପ୍ରଭାବିତ କରିବା ପାଇଁ କୌଣସି ରାଜନୀତିକ ଦଳ ବା ବ୍ୟକ୍ତି ସକ୍ଷମ ନୁହନ୍ତି। ସେ ଓଡ଼ିଶା ରାଜନୀତିକୁ ଆସିବା ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କର ଆଚରଣ, କଥାବାର୍ତା ଓ ନିର୍ମଳ ଭାବମୂର୍ତି ସେହିଭଳି ଅତୁଟ ରହିଛି। ନିଜର ସ୍ୱଳ୍ପ କଥାବାର୍ତା ଓ ମାର୍ଜିତ ବ୍ୟବହାର ଦ୍ୱାରା ସେ ଲୋକଙ୍କ ହୃଦୟ ସିଂହାସନରେ ବସି ପାରିଛନ୍ତି। ସେ ମଧ୍ୟ ୨୦୧୭ ପାଇଁ ସର୍ବଶ୍ରେଷ୍ଠ ପ୍ରଶାସକ ମାନ୍ୟତା ଅର୍ଜ୍ଜନ କରି ସାରା ଦେଶରେ ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଏହା ହିଁ ତାଙ୍କର ରାଜନୀତିକ ତଥା ପ୍ରଶାସନିକ ଜ୍ଞାନର ସ୍ପଷ୍ଟ ପରିଚୟ ଦେଉଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# —ପୁନର୍ମିଳନ—



ଶିବାନନ୍ଦ ଓ ସୁନନ୍ଦାଙ୍କର ଦୁଇଟି ପୁଅ ପ୍ରମୋଦ ଓ ପ୍ରଶାନ୍ତ। ଶିବାନନ୍ଦ ଗୋଟିଏ ସରକାରୀ ମହାବିଦ୍ୟାଳୟରେ ଅଧାପନା କରନ୍ତି। ସୁନନ୍ଦା ମଧ ଉଚ୍ଚଶିକ୍ଷିତା, କିନ୍ତୁ ସେ ଘର କାମ ସହ ପିଲା ଦୁଇଟିଙ୍କର କଥା ଟିକିନିଖି ଭାବରେ ବୁଝିବାପାଇଁ ଚାକିରି କରିବାକୁ ରାଜି ହେଲେନାହିଁ। ପିଲା ଦୁଇଟି ବାପା ମା'ଙ୍କର ସଂସ୍କାର ପାଇ ଶୃଙ୍ଖଳିତ ଭାବରେ ବଢ଼ିବାକୁ ଲାଗିଲେ। ଶିବାନନ୍ଦଙ୍କର ଦରମା ଏବଂ ଗାଁ ବନମାଳିପୁରରେ ଥିବା ଅପର୍ଯ୍ୟାପ୍ତ ଜମିବାଡ଼ିର ଉତ୍ପାଦନକୁ ନେଇ ଛୋଟ ପରିବାରଟି ସ୍ୱଚ୍ଛଳ ଭାବରେ ଚଳନ୍ତି, ଦାନ, ଧର୍ମ, ସେବା ମଧ କରନ୍ତି।

କାଳକ୍ରମେ ପିଲାମାନେ ବଡ଼ ହୋଇଗଲା ପରେ ବଡ଼ପୁଅ ପ୍ରମୋଦ ଶିକ୍ଷା ସମାପ୍ତ କରି ବ୍ୟାଙ୍କ୍ ଅଫିସର୍ ଏବଂ ସାନପୁଅ ପ୍ରଶାନ୍ତ ଓ.ଏ.ଏସ୍. ଅଫିସର୍ ହେଲା। ଶିବାନନ୍ଦ ଓ ସୁନନ୍ଦା, ଏ ଦୁଇଜଣଙ୍କର ବିବାହ ଏକା ସାଙ୍ଗରେ କରିଦେଲେ। ଦୁଇ ବୋହୂଙ୍କର ନାମକରଣ କଲେ, ମିତା ଓ ରୀତା। ସେମାନଙ୍କୁ ଏକଥା ବି ବୁଝାଇଦେଲେ ଯେ ବିବାହ କହିଲେ କେବଳ ସାଥୀ ସହିତ ରହିବା ନୁହେଁ, ସୁଖ, ଦୁଃଖ ବାଣ୍ଟିବାର ଅଙ୍ଗୀକାରବଦ୍ଧତା।

ଶିବାନନ୍ଦ ଅଧାପନାରୁ ଅବସର ନେଲେଣି। ଏବେ ଘରଟି ତାଙ୍କର ଛୋଟ ପିଲାଙ୍କର କୋଳାହଳରେ ଅହର୍ନିଶି ମୁଖରିତ। ପ୍ରମୋଦ ଓ ମିତାଙ୍କର ପୁଅଟିଏ ଝିଅଟିଏ, ଦୀପୁ ଓ ପିଙ୍କି ଏବଂ ପ୍ରଶାନ୍ତ, ରୀତାଙ୍କର ମଧ ପୁଅଟିଏ ଝିଅଟିଏ ପିଣ୍ଟୁ ଓ ବେବି। ହାତର ଆଙ୍ଗୁଠି ମାତ୍ର ଦଶଟି, ହେଲେ ମିଶିଯାଆନ୍ତି ବୋଲି ହାତ ହଜାରେ କାମ କରିପାରେ। ଦୁଇ ବୋହୂ ଚାରି ନାତି ନାତୁଣୀଙ୍କ ମେଳରେ ସୁଖ, ଶାନ୍ତି, ଆନନ୍ଦରେ ସମୟ କଟିଯାଏ ସୁନନ୍ଦା ଦେବୀଙ୍କର। ଦାଦିମା ହୋଇଗଲାଠୁ ଏବେ ତାଙ୍କର ଈଶ୍ୱର ଭକ୍ତି, ଆତ୍ମବିଶ୍ୱାସ ବେଳକୁ ବେଳ ବଢ଼ିବାର ଲାଗିଲା, ଭୁବନେଶ୍ୱରର ଗୌତମନଗରର 'ଶ୍ରୀୟା' କଲୋନୀରେ ରହୁଥିବା ଏହି ପରିବାରଟି ଉପରେ କଲୋନୀର ପ୍ରାୟ ସମସ୍ତ ଅଧିବାସୀ ବହୁତ ଖୁସି।

ବିଧିର ବିଧାନ ବଡ଼ ବିଚିତ୍ର। ସୁଖ ପରେ ଦୁଃଖ, ହସ ପରେ ଲୁହ, ଏ ସୃଷ୍ଟିର ନୀତି। ତାଙ୍କ ପରିବାରର ଏହି ସୁଖ, ଶାନ୍ତି, ଆନନ୍ଦରେ ହଠାତ୍ ଭଟ୍ଟା ପଡ଼ିଗଲା ଶିବାନନ୍ଦ ବ୍ଲଡ୍ କ୍ୟାନସର୍‌ରେ ପୀଡ଼ିତ ହେଲା ଦିନଠାରୁ। ପ୍ରାୟ ଛଅମାସ ହେଲା ହସ୍ପିଟାଲ୍‌ରେ ପଡ଼ିରହିଲେ। ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ପଡ଼ିଲା। ବାଧ ହୋଇ ଦୁଇ ଭାଇ ଗାଁର ସବୁ ଜମିବାଡ଼ିକୁ ବିକ୍ରି କରିଦେଇ ଟଙ୍କା ଆଣିଲେ ବାପାଙ୍କର ଚିକିତ୍ସା ପାଇଁ। ମାତ୍ର ବାପା ଗୋଟିଏ ବର୍ଷ ମୃତ୍ୟୁ ସହ ସଂଗ୍ରାମ କଲାପରେ ଆରପାରିକୁ ଚାଲିଗଲେ। ଏହି ଦାରୁଣ ଦୁଃଖରେ ଅତ୍ୟଧିକ ମ୍ରିୟମାଣ ହୋଇପଡ଼ି ସୁନନ୍ଦା ଦେବୀ ମଧ ଅଳ୍ପଦିନ ପରେ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କଲେ।

ବାପା ଓ ମାଆଙ୍କୁ ହରାଇଲା ପରେ ସମ୍ପୂର୍ଣ୍ଣ ଅଧୈର୍ଯ୍ୟ ହୋଇପଡ଼ିଲେ ଦୁଇଭାଇ। ଧୀରେ ଧୀରେ ଅଭାବ ଅନାଟନ ସେମାନଙ୍କୁ ଗ୍ରାସକଲା। ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଯଥେଷ୍ଟ ଅର୍ଥ ସଂଗ୍ରହ ହୋଇପାରିଲାନି। ଦୁଇ ଭାଇଙ୍କ ଭିତରେ ଯେଉଁ ପବିତ୍ର ନିଃସ୍ୱାର୍ଥପର ସ୍ନେହ, ମମତା, ଭଲପାଇବା ଥିଲା ତାହା ଧୀରେ ଧୀରେ ତିକ୍ତ ହେବାକୁ ଲାଗିଲା। ବାରମ୍ବାର ମନାନ୍ତର ସୃଷ୍ଟି ହୋଇ ଧୀରେ ଧୀରେ ମତାନ୍ତର ରୂପ ନେଲା।

ବାପା ମାଆଙ୍କର ସ୍ୱର୍ଗାରୋହଣର ମାତ୍ର ଆଠ/ନଅ ମାସ ହୋଇଛି, ଦୁଇଭାଇ ଭିନ୍ନେ ହୋଇଗଲେ। ବାପା ତିଆରି କରିଥିବା ଘର ମଝିରେ ପାଚେରୀ ପଡ଼ିଲା। ପର୍ବପର୍ବାଣୀ, ରୋଷେଇବାସ ସବୁ ଭିନ୍ନ। ଏପରିକି କେହି କାହାର ମୁହଁ ମଧ ଚାହିଁବାକୁ ଘୃଣା କଲେ।

ଏ କଥା ଦେଖି କଲୋନୀ ଅଧିବାସୀ ସ୍ତବ୍ଧ। କାହାରି ପାଟିରେ କଥା ନାହିଁ। ଏପରି ଘଟଣା ଥିଲା ସମସ୍ତଙ୍କର କଳ୍ପନା ବହିର୍ଭୁତ।

ପ୍ରମୋଦ ଓ ପ୍ରଶାନ୍ତଙ୍କର ପିଲାମାନେ ବଡ଼ ହେଇଗଲେଣି। ପ୍ରମୋଦଙ୍କ ପୁଅ ଦୀପୁ ଓ ପ୍ରଶାନ୍ତଙ୍କ ପୁଅ ପିଣ୍ଟୁ ଭୁବନେଶ୍ୱରର ଗୋଟିଏ କମ୍ପାନୀରେ ଇଂଜିନିୟର ହୋଇଗଲେଣି। ପିଙ୍କି ଓ ବେବି ଦୁଇଜଣଯାକ ବାଣୀବିହାରରେ ପି.ଜି. କରୁଛନ୍ତି।

ଦିନକର କଥା। ରାତି ପ୍ରାୟ ନଅଟା ବାଜି ସାରିଲାଣି। ପ୍ରମୋଦଙ୍କ ପୁଅ ଝିଅ ଓ ପ୍ରଶାନ୍ତଙ୍କ ପୁଅ ଝିଅ କେହି ଘରକୁ ଫେରିନାହାନ୍ତି। ପ୍ରମୋଦ ଦାଣ୍ଡପିଣ୍ଡାରେ ଅପେକ୍ଷା କରି କରି ଅଧୈର୍ଯ୍ୟ ହୋଇପଡୁଛନ୍ତି। ସେପାଖେ ପ୍ରଶାନ୍ତ ମଧ ଗେଟ୍ ପାଖରୁ ଘର, ଘର ପାଖରୁ ଗେଟ୍ ଏହିପରି ଯାଆସ କରିଚାଲିଛନ୍ତି। ସମୟ ଯେତିକି ବିଳମ୍ବ ହେଉଛି ଆଶଙ୍କା ସେତିକି ବଢ଼ି ବଢ଼ି ଚାଲିଛି ଦୁଇଭାଇଙ୍କର। କେହି କାହାକୁ ଭରସିକରି କିଛି ପଚାରି ପାରୁନାହାନ୍ତି। କାରଣ ଦୁହିଁଙ୍କ ଭିତରେ କଥୋପକଥନ ହିଁ ନାହିଁ ଅନେକ ଦିନ ହେଲାଣି। ଆଜିକାଲି ଲୋକମାନେ ତ ବେଳକୁ ବେଳ ବେଶି ଅପରାଧପ୍ରବଣ ହୋଇପଡୁଛନ୍ତି। ଦିନ ଦ୍ୱିପ୍ରହରରେ ମଧ ମାଡ଼ପିଟ୍, ଲୁଟ୍‌ତରାଜ, ହତ୍ୟା ଘଟଣା ସାଧାରଣ ହୋଇଗଲାଣି। ପିଲାମାନେ କାହିଁକି ଏପର୍ଯ୍ୟନ୍ତ ଫେରିଲେନି ? ଏହା ଭାବି ଭାବି ଉଭୟେ ପିତାମାତା ନ ଖାଇ ନ ପିଇ ସେମାନଙ୍କ ଅପେକ୍ଷାରେ ଥାଆନ୍ତି।

ରାତି ଠିକ୍ ଦଶଟା ବେଳକୁ ଦୁଇଟି ମଟରସାଇକେଲ୍‌ରେ ଦୀପୁ ଓ ପିଙ୍କି ଏବଂ ପିଣ୍ଟୁ ଓ ବେବି ଘରକୁ ଫେରିଲେ। ଗେଟ୍ ପାଖରେ ଥିଲେ ପ୍ରଶାନ୍ତ। ଖୁବ୍ ରାଗିଯାଇ ପଚାରିଦେଲେ ତାଙ୍କ ପୁଅ ପିଣ୍ଟୁକୁ "କୁଆଡ଼େ ଯାଇଥିଲ ଏତେ ରାତିଯାଏଁ ? କହିକରି କାହିଁକି ଗଲନି ?" ପିଣ୍ଟୁ ଡରି ଡରି କହିଲା, "ବାବା, ଦୀପୁଭାଇର କାଲି ଜନ୍ମଦିନ ତ। ଆଜି ସିଏ ଆମକୁ କ୍ରାଉନ୍ ହୋଟେଲ୍‌ରେ ଖାଇବାକୁ ଡାକିଥିଲେ। ତୁମକୁ ଏ କଥା କହିପାରିଲୁନି କାଳେ ତୁମେ ଆଉ ବଡ଼ବାପା ଆମକୁ ଏକାଠି ଛାଡ଼ିବାପାଇଁ ନାରାଜ ହୋଇଥାଆନ୍ତ। ସରି ବାବା, ଆଗକୁ ଆଉ ଏମିତି ଭୁଲ କରିବୁନି।" ପ୍ରକୃତରେ ଶିକ୍ଷା ଯଦି ବିବେକ ଜାଗ୍ରତ କରି ନ ପାରିଲା, ତେବେ ସେଭଳି ଶିକ୍ଷା ଦିଗଶୂନ୍ୟ।


ସତେ ଅବା ପ୍ରଶାନ୍ତବାବୁଙ୍କ ସବୁ ରାଗରେ ହଠାତ୍ କିଏ ପାଣି ପକାଇଦେଲା... ପ୍ରଶାନ୍ତବାବୁ ନିଜ ପୁଅ ପିଣ୍ଟୁକୁ ଜାକି କୁଣ୍ଢେଇ ପକାଇଲେ। ଦୀପୁକୁ ମଧ ଆଉଁସି ପକାଇଲେ ସଜଳ ଆଖିରେ। କିଛି କହିବେ କହିବେ ହୋଇ କିଛି ବି କହି ପାରିଲେନି। କଣ୍ଠ ବାଷ୍ପରୁଦ୍ଧ ହେଲା। ଧୀରେ ଧୀରେ ପୁଅ ଝିଅଙ୍କ ସହ ଘର ଭିତରକୁ ଗଲେ। ମନୁଷ୍ୟ ଜୀବନରେ ଭୁଲଭଟକା ହେବା ତ ସ୍ୱାଭାବିକ କଥା। ମାତ୍ର ଭୁଲକୁ ସ୍ୱୀକାର କରି ଯଥାଶୀଘ୍ର ଠିକ୍ ରାସ୍ତାକୁ ଫେରିଆସିଲେ ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ। ସେ ପାଖେ ପ୍ରମୋଦବାବୁଙ୍କର ମଧ ସେହି ଅବସ୍ଥା। ସେ ମଧ ପିଲାଙ୍କ ସହ ଘର ଭିତରକୁ ଆସିଲେ। ବିଛଣାରେ ଶୋଇ ରହି ଛଟପଟ ହେବାକୁ ଲାଗିଲେ। ଭାବିଲେ; ସତେତ, ଆଗରୁ ପିଲାଙ୍କର ଜନ୍ମଦିନ ବଡ଼ ଧୂମ୍‌ଧାମ୍‌ରେ ପାଳିତ ହୁଏ। ବଡ଼ମାନଙ୍କର କଳିତକରାଳକୁ ନେଇ ପିଲାମାନେ କେତେ ଯେ ମର୍ମାହତ ତାହା ଆଜି ଜଣାପଡ଼ିଗଲା। ଆମ ପିଲାମାନଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ଅନାବିଳ ଭଲ ପାଇବାକୁ ଆମେ ବଡ଼ମାନେ ହିଁ ପଙ୍କିଳ କରୁଛୁ। ପ୍ରମୋଦ ଭାବିଲେ, "ଆମ ପିଲାମାନଙ୍କ ମାଧ୍ୟମରେ ଖୋଦ୍ ଭଗବାନ ଆସି ସତେ ଯେପରି ଆମକୁ ଉଚିତ ଶିକ୍ଷା ଦେଇଯାଇଛନ୍ତି।" ବାସ୍ତବିକ୍ ଭାବନାରେ ବିଶାଳତା ଆସିଲେ କର୍ମ ବି ବିଶାଳ ହୁଏ।

ରାତି ପାହିଲା। ନୂଆ ସକାଳର ନୂଆ ଆଲୋକ ଆଣିଦେଲା ଅନେକ କିଛି ପରିବର୍ତ୍ତନ। ବର୍ତ୍ତମାନ ସମୟ ହିଁ ହେଉଛି ପ୍ରକୃଷ୍ଟ ସମୟ, ତାର ଯଥାର୍ଥ ଉପଯୋଗ ଜରୁରୀ। ପ୍ରମୋଦ ଆଉ କାଳବିଳମ୍ବ ନକରି ଗଲେ ସାନଭାଇ ପ୍ରଶାନ୍ତ ପାଖକୁ। ପ୍ରଶାନ୍ତ ହୃଦୟରେ ମଧ ଏକାଭଳି ଆଲୋଡ଼ନ ସୃଷ୍ଟି ହୋଇଥିଲା। ଅଗ୍ନିଶିଖା ଯେପରି ଅଗ୍ନିକୁ ପ୍ରଜ୍ୱଳିତ କରେ, ହୃଦୟ ସେହିପରି ହୃଦୟର ସଂସ୍ପର୍ଶରେ ଆସିଲେ ପ୍ରଜ୍ୱଳିତ ହୋଇଉଠେ। ଦୁଇଭାଇ ପରସ୍ପରକୁ ଆଲିଙ୍ଗନ କଲାବେଳେ ନିଜ ନିଜ ପିଲାମାନଙ୍କ ନିକଟରେ ହାର ମାନିଛନ୍ତି ବୋଲି ଅନୁଭବ କଲେ। ବେଳେବେଳେ ଗୋଟିଏ ଛୋଟିଆ ନିଷ୍ପତ୍ତି ବି ଜୀବନର ଗତିପଥ ବଦଳାଇ ଦେଇଥାଏ। ଅନେକ ଦିନ ପରେ ଦୁଇ ଭାଇ ବସି ପୁଣିଥରେ ଏକତ୍ର ଚା ପାନ କଲେ। ଏହା ଥିଲା ପୁନର୍ମିଳନର ଅୟମାରମ୍ଭ।

ମଧ୍ୟାହ୍ନ ଭୋଜନ ପ୍ରମୋଦଙ୍କ ଘରେ ହେଲା। ଦୁଇ ପିତାମାତଙ୍କ ଗହଣରେ ଚାରୋଟି ସନ୍ତାନ ବଡ଼ ଆନନ୍ଦ ଉଲ୍ଲାସରେ ରାତିରେ କ୍ୟାଣ୍ଡେଲ୍ ଲଗାଇଲେ, ଜନ୍ମଦିନ କେକ୍ କାଟିଲେ ଓ ଏକତ୍ର ଭୋଜନ କଲେ। ହୃଦୟର ମିଳନ ପାଇଁ ଇଟା, ସିମେଣ୍ଟର ପ୍ରାଚୀରଟି ଆଉ ପ୍ରତିବନ୍ଧକ ହୋଇପାରିଲା ନାହିଁ।

**—ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

## ମୃତିକା ସଂରକ୍ଷଣ ବିଭାଗର ଅଜବ ନୀତି, ମୁଖ୍ୟ ଫାଟକରେ ଝୁଲୁଛି ତାଲା




କେନ୍ଦୁଝର (ପିଏନ୍): ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ସହକାରୀ ମୃତିକା ସଂରକ୍ଷଣ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କୋଠାଘର ନିର୍ମାଣ ହୋଇଛି। ଉକ୍ତ କାର୍ଯ୍ୟାଳୟଟି ୨୦୨୦ମସିହା ଡିସେମ୍ବର ମାସ ୨ତାରିଖ ଦିନ ଜଳବିଭାଜିକା (ପିଡି) ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। କେବଳ ଉଦ୍‌ଘାଟନ ଦିନ କାର୍ଯ୍ୟାଳୟର ମୁଖ୍ୟ ଗେଟ୍ ଖୋଲାଯାଇଥିଲା। ତା'ପରଦିନ ଠାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ଝୁଲୁଛି। ମୁଖ୍ୟ ଗେଟ୍‌ରେ ବର୍ଷ ବର୍ଷ ଧରି ତାଲା ଝୁଲୁଥିବା ସହ ଗେଟ୍ ସମ୍ମୁଖରେ ବିଦ୍ୟୁତ ଖୁଂଟ ଜମା କରି ରଖାଯାଇଛି। ମୁଖ୍ୟ ଗେଟ୍‌ରେ ତାଲା ପକାଇ ବିଭାଗୀୟ ଅଧିକାରୀମାନେ ଗଳାବାଟ ଦେଇ କାର୍ଯ୍ୟାଳୟକୁ ଯିବାଆସିବା କରୁଛନ୍ତି। ଫଳରେ କାର୍ଯ୍ୟାଳୟର ମୁଖ୍ୟରାସ୍ତାଟି ଲଟାବୁଦାରେ ଲୁଚିଯାଇଛି। ତେବେ ଜନସାଧାରଣ କିଛି କାମ ନେଇ କାର୍ଯ୍ୟାଳୟକୁ ଆସିଲା ବେଳେ ମୁଖ୍ୟ ଗେଟ୍‌ରେ ତାଲା ପଡିଥିବା ଦେଖି ନିରାଶ ହୋଇ ଘରକୁ ଫେରି ଯାଉଛନ୍ତି। ଏନେଇ ଝୁମ୍ପୁରାସ୍ଥିତ ମୃତିକା ସଂରକ୍ଷଣ ଓଭରସିୟର ସୁରେନ୍ଦ୍ରନାଥ ମହାନ୍ତଙ୍କ ମତାମତ ଲୋଡିବାରୁ ସେ କହିଲେ, ମୁଖ୍ୟ ଗେଟ୍ ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଂଟ ହଟାଇବା ସହ ଗେଟ୍ ଖୋଲାଯିବ।

## ବେଆଇନ ଭାବେ ମାଟି ପରିବହନ କରୁଥିବା ୨ ଡର ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଧିନସ୍ଥ ଅନ୍ତିରା ପଂଚାୟତର ବାଘୁଆ ପାହାଡରୁ ବେଆଇନ ଭାବେ ମାଟି ପରିବହନ କରୁଥିବା ୨ଟି ଡର ଗାଡିକୁ ରାଜସ୍ୱ ନିରିକ୍ଷଙ୍କ ଦ୍ୱାରା ଜବତ କରାଯାଇଛି। ବାଘୁଆ ପାହାଡରୁ ବେଆଇନ ଭାବେ ମାଟି ଉତୋଳନ କରି ପରିବହନ କରୁଥିବା ଡର ଗାଡି ନଂ ଓଆର-୦୪ ଏଲ-୪୧୫୪ ଓ ଓଆର-୦୯-ଏମ-୮୪୭୫କୁ ବଳରାମପୁର ରାଜସ୍ୱ ନିରିକ୍ଷକ ଚନ୍ଦନ ସାହୁ ଅଟକାଇ କାଗଜପତ୍ର ଯାଂଚ କରିଥିଲେ। ମାତ୍ର ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ଉଭୟ ଡରକୁ ଜବତ କରାଯାଇ ଚଡେଇଧରା ଚେକ ପୋଷ୍ଟରେ ରଖାଯାଇଛି। ଗାଡି ଦୁଇଟିରୁ ଜରିମାନା ଆଦାୟ କରାଯାଇ ଛଡାଯିବ ବୋଲି ରାଜସ୍ୱ ନିରିକ୍ଷକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା



ଫୁଲନଖରା (ପିଏନ୍)-ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୩ ନମ୍ବର ଜୋନରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦ କୁମାର ମଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ମହୀଧରପଡ଼ା ମେଡ଼ିକାଲ ଛକରୁ ବାହାରି ଖଣ୍ଡାଗର, ବାଟପୁରଣ, ସନ୍ତୋଳ, ଅରଡ଼ିଆପଦା, ନଗରୀ, ସାଇଁଶୋ, ଗବବସ୍ତ, ଖନ୍ଦୋଳ, ଉଲ୍ଲାର, ପୁରୁଷୋତ୍ତମପୁର, ଅରିଲୋ, ରାହୁରା, ମହୁରା, ଭୁଆଁଳି ଆଦି ଗ୍ରାମ ପରିକ୍ରମା କରି ବାଇଁଲୋ ହାଟଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ବାରଙ୍ଗ ବ୍ଲକ ସଭାପତି ଗୋଲେଖଚନ୍ଦ୍ର ପାତ୍ର, ଯୁବ ବିଜେଡ଼ି ବ୍ଲକ ସଭାପତି ଶଶିଭୂଷଣ ଦାଶ, ଜିଲାପରିଷଦ ସଭ୍ୟ ପ୍ରଦୀପ ଭୋଇ, ସରପଞ୍ଚ ନରୋତ୍ତମ ଦାସ, ସରୋଜ ମହାପାତ୍ର, ପଦ୍ମିନୀ ପ୍ରଧାନ, ରୋହିଣୀ ଭୋଇ, ସତ୍ୟବ୍ରତ ଜେନା, ତାହିଦ ଖାଁ, ଅଶୋକ ରଥ, କୃଷ୍ଣଚନ୍ଦ୍ର ମଲିକ, ବୈକୁଣ୍ଠ ବେହେରା, ଅଜୟ ବିଶ୍ୱାଳ, ସସ୍ମିତା ବେହେରା, ବିପ୍ଳବ ଯାଦବ, ରଂଜନା ପାତ୍ର, ସାଧନା ଜେନା, ଗଗନବିହାରୀ ଜେନା, ବିଶ୍ୱରଂଜନ ସାହୁ, ମୁସ୍ତାକ ଖାଁ, ପ୍ରଣବ ପଟ୍ଟନାୟକ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସାଇ ବାବା ପ୍ରଣାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଜାତୀୟସ୍ତରୀୟ ଖବରକାଗଜ ସମାଜ ଆଇନା ପ୍ରାୟୋଜିତ ଓ ବୀଣାପାଣି ନାଟ୍ୟସଂସ୍ଥା ସାଂସ୍କୃତିକ କାର୍ଯ୍ୟକ୍ରମ 'ସାଇ ବାବା ପ୍ରଣାମ' ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଯୋଜନା ବୋର୍ଡର ସଦସ୍ୟ ତଥା ବରିଷ୍ଠ କବି ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ସୁପ୍ରିମକୋର୍ଟର ଆଇନଜୀବୀ ଯୋଗଦେଇ ସାଇବାବାଙ୍କ ମହିମା ଓ ମହନୀୟ କାର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଶିରିଡି ସାଇବାବା ସର୍ବଦା ଲୋକମାନଙ୍କୁ ଭଲପାଇବାର ବାର୍ତା ଦେବା ସହିତ ସେବାକାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ବାବାଙ୍କ ନାମ ଧରିଲେ ସବୁ ବିପଦ ଦୂରେଇଯାଏ ଓ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଯାଏ। ସେଥିପାଇଁ ସାରାବିଶ୍ୱରେ ସାଇବାବାଙ୍କ ଗାଥା ପ୍ରଚାର ଓ ପ୍ରସାର ହୋଇଚାଲିଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାଇବାବାଙ୍କ ମହିମା ଉପରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ ସ୍ୱାଇଁ ଏବଂ ସାଥି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା 'ସମାଜ ଆଇନା ଓ ସ୍ୱିଡି ନ୍ୟୁଜ'ର ସମ୍ପାଦକ ମନୋଜ କୁମାର ସେଠ୍ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ବୃନ୍ଦନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୀଣାପାଣି ନାଟ୍ୟସଂସ୍ଥା ସମ୍ପାଦକ ତଥା ସୂଚନା ଅଧିକାରୀ କର୍ମୀ ବିଚିତ୍ର ମଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ଭଞ୍ଜନଗରରୁ ଆସିଥିବା କଳକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଦୀନବନ୍ଧୁ ମଲିଆ ଓ ଅଭୟ ମଲିଆଙ୍କ ସଂଯୋଜନାରେ ସାଇବାବାଙ୍କ ଭଜନ ପରିବେଷଣ ହୋଇଥିଲା। ସେବାମୂଳକ କାର୍ଯ୍ୟ କରିଥିବା ପ୍ରତିଭାମାନଙ୍କୁ ସାଇ ଶ୍ରଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବାଣ ନୁହେଁ, ମିଠାରେ ପାଳିଲେ ଦୀପାବଳୀ



ଭୁବନେଶ୍ୱର (ପିଏନ୍): ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ଯୁକ୍ତ ମିଠାରେ ମହକିଲା ଆଦିବାସୀ ପଲ୍ଲୀ। ବାଣ ଫୁଟାଇବା ପରିବର୍ତ୍ତେ ମିଠାରେ ଆଲୋକର ପର୍ବକୁ ଅତି ସୁନ୍ଦର ଓ ନିରାଡ଼ମ୍ବର ଭାବେ ପାଳନ କରି ଖୁସି ବାଣ୍ଟିଛନ୍ତି ରାଜଧାନୀ ଉପକଣ୍ଠରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ବାସିନ୍ଦା। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ରହୁଥିବା ସାମାଜିକ କର୍ମୀ ସନ୍ତୋଷୀ ଜୈନ ପ୍ରତିବର୍ଷ ପରିବାର ସହ ମିଶି ଦୀପାବଳୀରେ ବାଣ ଫୁଟାଇଥାନ୍ତି। ଅନେକ ଟଙ୍କା ବି ଏଥିପାଇଁ ସେ ଖର୍ଚ୍ଚ କରିଥାନ୍ତି। ଚଳିତବର୍ଷ ପରିବାର ସଦସ୍ୟମାନଙ୍କ ନିଷ୍ପତ୍ତି କ୍ରମେ ସାରା ପରିବାର ସବୁଜ ଦୀପାବଳୀ ପାଳନ ପାଇଁ ସଂକଳ୍ପ କରି ଅଣ୍ଟା ଭିଡ଼ି ଆଗେଇ ଆସିଥିଲେ ଏହି ଆଦିବାସୀ ପଲ୍ଲୀକୁ। ଶ୍ରୀମତୀ ଜୈନ କୁହନ୍ତି କ୍ଷଣିକ ଖୁସି ପାଇଁ ଆମେ ସାଧାରଣତଃ ଦୀପାବଳୀରେ ବାଣ ଫୁଟାଇଥାଉ। କିନ୍ତୁ ପରବର୍ତ୍ତୀ ସମୟରେ ଆମେ ଅନେକ ମାରାତ୍ମକ ରୋଗକୁ ଆମନ୍ତ୍ରଣ କରିବା ସହ ପରିବେଶକୁ ଉଜାଡ଼ି ଦେଇଥାଉ। ପରିବେଶ ବ□ିଲେ, ଆମେ ବ□ିବା। ସଂପ୍ରତି ପରିବେଶର ସୁରକ୍ଷା ନିତାନ୍ତ ଜରୁରୀ। ଏହି ଅବସରରେ ପଲ୍ଲୀରେ ଲଡୁ, ଜିଲାପି, ବିସ୍କୁଟ ଇତ୍ୟାଦି ବଣ୍ଟନ କରିବା ସହ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବିଦ୍ୟାର୍ଥୀମାନଙ୍କୁ ଖାତା, କଲମ, ପେନ୍‌ସିଲ୍ ଇତ୍ୟାଦି ପାଠ୍ୟ ଉପକରଣ ୧ବର୍ଷ ଲାଗି ଯୋଗାଇ ଦିଆଯାଇଥିଲା। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ସହଯୋଗ କରିଥିଲେ। ସାମାଜିକ କର୍ମୀଙ୍କ ଏତାଦୃଶ କାର୍ଯ୍ୟକୁ ଗ୍ରାମବାସୀମାନେ ପ୍ରଶଂସା କରିବା ସହ ସ୍ଥାନୀୟ ସରପ□ ବିଷ୍ଣୁପ୍ରସାଦ ଡେଙ୍ଗ ସାଧୁବାଦ ଜଣାଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଜୁନ ୦୪

## ପ୍ରକୃତିର ଆହ୍ୱାନ


ଶୁଭସ୍ମିତା ସାମଲ

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ । ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା କହୁଛନ୍ତି ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲରୁ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ମୂଲ୍ୟର ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକାତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧାନ କେବଳ ଇକୋ-ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ୍)ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏଗୁଡ଼ିକର ସଂଖ୍ୟା ଗୁରୁତ୍ୱ ସହ ବିଚାର କରି ଏଫ୍ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ୍ୟ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢ଼ୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ,
ଚଣ୍ଡୀଛକ, କଟକ

## ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନ ଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା । ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେରେ ଆନନ୍ଦ ବଜାର ସ୍ଥିତ ସ୍ନାନ ମଣ୍ଡପ ବା ସ୍ନାନ ବେଦିକୁ ଆସି ବିରାଜନ୍ତି । ଏହି ମଣ୍ଡପରେ ଠାକୁରମାନଙ୍କର ପ୍ରସିଦ୍ଧ ଗଜାନନ ବେଶ ହୋଇଥାଏ । ଏହି ବେଶ ସଂପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମରାଠା ମହାଗାଣପତ୍ୟ ସଂପ୍ରଦାୟର ବ୍ରାହ୍ମଣ ପଣ୍ଡିତ ଶ୍ରୀ ଗଣପତି ଭଟ୍ଟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସିଥିଲେ । ସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେ ଦର୍ଶନ କଲେ ସତ, ତାଙ୍କୁ ସନ୍ତୋଷ ମିଳିଲା ନାହିଁ । କାରଣ ସେ ମହାପ୍ରଭୁମାନଙ୍କୁ ଗଣପତି ରୂପରେ ଦେଖିବାକୁ ଚାହୁଁଥିଲେ । ଦୁଃଖରେ ଫେରିଯାଉଥିବା ବେଳେ, ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିବା ପାଇଁ ମୁକ୍ତେଶ୍ୱରଠାରେ ତାଙ୍କୁ ଶୂନ୍ୟବାଣୀ ହେଲା । ଫେରି ଦେଖିଲେ ପ୍ରଭୁ ବଳଭଦ୍ର ଧବଳ ଗଣପତି ଏବଂ ଶ୍ରୀଜଗନ୍ନାଥ କୃଷ୍ଣ ଗଣପତି ରୂପ ଧାରଣ କରିଛନ୍ତି । ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇଆସୁଛି । ଏହି ବେଶ ନିମନ୍ତେ ଗୋପାଳ ତୀର୍ଥ ମଠ ଓ ରାଘବ ଦାସ ମଠରୁ ଉପକରଣମାନ ଆସେ । ଭିତରଚ୍ଛ, ତିଳଚ୍ଛ, ପୁଷ୍ପାଳକ, ଖୁଣ୍ଟିଆ ଓ ଦଇତାପତି ସେବକମାନେ ହାତୀ ବେଶ କରାନ୍ତି ।


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସେବସ୍ନାନ ପୂର୍ଣ୍ଣିମାରେ ଗୋଟିଏ ମାତ୍ର ଭୋଗ ହୁଏ । ଭୋଗ ପରେ ଦେବଦର୍ଶନ ଲାଗି ସର୍ବସାଧାରଣଙ୍କୁ ଅନୁମତି ଦିଆଯାଏ । ଜଗନ୍ନାଥଙ୍କ ମୁଖ୍ୟ ବାରଟି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟାରେ ଅକ୍ଷୟ ତୃତୀୟା, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀ ଗୁଣ୍ଡିଚା, ଶ୍ରାବଣ କୃଷ୍ଣ ଦଶମୀରେ କର୍କଟ ସଂକ୍ରାନ୍ତି, ଶ୍ରାବଣ ଶୁକ୍ଳ ଏକାଦଶୀରେ ଶୟନ ଯାତ୍ରା, ଭାଦ୍ର ଶୁକ୍ଳ ଏକାଦଶୀରେ ପାର୍ଶ୍ୱ ପରିବର୍ତ୍ତନ, କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଦେବୋତ୍‌ଥାପନ, ପୌଷ ଶୁକ୍ଳ ଷଷ୍ଠୀରେ ପ୍ରାବରଣ ଷଷ୍ଠୀ, ପୌଷ ପୂର୍ଣ୍ଣିମାରେ ପୁଷ୍ୟାଭିଷେକ, ମାଘ ରେ ମକର ସଂକ୍ରାନ୍ତି, ଫାଲଗୁନ୍ ପୂର୍ଣ୍ଣିମାରେ ଦୋଳଯାତ୍ରା, ଦଅଣା ଚୋରି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀରେ ଦମନକ ଚତୁର୍ଦ୍ଦଶୀ ପରି ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଦ୍ୱାଦଶ ଯାତ୍ରା ସମ୍ପର୍କରେ ଧର୍ମଶାସ୍ତ୍ରର ଶ୍ଳୋକରେ ଉଲ୍ଲେଖ ରହିଛି – 'ମଞ୍ଚେଞ୍ଚସ୍ନାନ ରଥବରଗତ ଶୟନ ଗାୟନଦ୍ୱୟଂ, ପାର୍ଶ୍ୱାବର୍ତ୍ତି ଶୟନ ନିବୃତ୍ତି ପର୍ବଣ ପୂଜ୍ୟ ପୂଜା, ଦୋକେଳି, ଦମନ ମୋହଂ ଚାଣ ପୂର୍ଣ୍ଣ ତୃତୀୟା, ଏ ସଠା ଯାତ୍ରା ଭୁବନ ବନ୍ଦିତା ଦ୍ୱାଦେଶୟଂ ନରେନ୍ଦ୍ର ।'

ପୂର୍ଣ୍ଣିମା ଦିନ ସକାଳୁ ପୂଜା ପଣ୍ଡା, ପତିମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡରେ ମଙ୍ଗଳା ଅର୍ପଣ କରିବା ପରେ ଦଇତାମାନେ ଠାକୁର ମାନଙ୍କ ଦେହରେ ଡୋରୀ ଲାଗି କରନ୍ତି । ପହଣ୍ଡି ହୋଇ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା ଜଗନ୍ନାଥ ଓ ମଦନମୋହନ ବେଦୀକୁ ସ୍ନାନ ପାଇଁ ବିଜେ କରିଥାନ୍ତି । ସ୍ନାନ ପରେ ଗୋପାଳ ତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ଏହି ଦୁର୍ଲଭ ହାତୀ ବେଶର ସମସ୍ତ ସାମଗ୍ରୀ ଆସିଥାଏ । ଅନ୍ୟ ଦୁଇ ଠାକୁରଙ୍କ ପାଇଁ ରାଘବ ଦାସ ମଠରୁ ଆସେ । ବିଗ୍ରହ ମାନଙ୍କ ଗଜାନନ ବେଶ ପରେ ପୁଷ୍ପପାଳକମାନେ ପୁଷ୍ପଲାଗି କରନ୍ତି । ଶ୍ରୀ ଜଗନ୍ନାଥଙ୍କର ଦ୍ୱାଦଶ ବା ତ୍ରୟୋଦଶ ଯାତ୍ରା ମଧ୍ୟରେ ଏହା ପ୍ରଥମ ଏବଂ ଆଗରୁ କଥିତ ଅଛି ଯେ ଏହା ତାଙ୍କ ଜନ୍ମଦିନ । ଏହି ବେଶ ପରେ ଠାକୁରମାନେ ଅଣସରକୁ ବିଜେ ହୋଇଥାନ୍ତି । ପରେ ଆସିଥାଏ ପବିତ୍ର ନେତ୍ର ଉତ୍ସବ । ତେବେ ଅଣସର ଘରେ ବିଶ୍ୱାବସୁଙ୍କ ବଂଶଧରମାନେ ଅଣସର ପଶା ଓ କଙ୍ଗାଳରେ ଫଳମୂଳ ସମର୍ପଣ କରି ପନ୍ଦର ଦିନ ମଧ୍ୟରେ ଆରୋଗ୍ୟ କରାଇ ନବ ଯୌବନ ଫେରାଇ ଦିଅନ୍ତି । ମହାପ୍ରଭୁଙ୍କ ସ୍ନାନ ଯାତ୍ରାର ସାମାନ୍ୟ ଜଳବିନ୍ଦୁ ସର୍ବପାପ ବିଧ୍ୱଂସକ । ଏଥିରେ ସକଳ ତୀର୍ଥ ତୋ ବରକେଁ ପ୍ରକୃତିରେ ପ୍ରତୀତ ହୁଏ । ଏହାର ମାହାତ୍ମ୍ୟ ଉଲ୍ଲେଖ କରିବାକୁ ଯାଇ ସ୍ୱୟଂ ବ୍ରହ୍ମା କହିଛନ୍ତି । – 'ଯତ୍ ଫଳଂ ସ୍ନାନ ଦନେନ ରାହୁଗ୍ରସ୍ତେ ଦିବାକରେ, ତତ୍ ଫଳଂ କୃଷ୍ଣମାଲୋକଂ ମହାଜ୍ୟେଷ୍ଠା ଲଭେନ୍ନରଃ' ଏକଥା କହିବା ନିଷ୍ପ୍ରୟୋଜନ ଯେ ସ୍ନାନ ବେଦୀରୁ ବିଗ୍ରହମାନେ ଫେରିଲା ପରେ ଆଉ ରତ୍ନ ସିଂହାସନକୁ ନଯାଇ ଅଣସର ଘରଠାରେ ଗୁପ୍ତ ଗୃହରେ ରହି ଥାଆନ୍ତି । ଅମାବାସ୍ୟା ପୂର୍ବଦିନ ଅର୍ଥାତ୍ ଚତୁର୍ଦ୍ଦଶୀରେ ବଡ଼ ସିଂହାର ପରେ ପଣାଭୋଗରେ ଭୋଗହୋଇ ଦାସ ମହାପାତ୍ର ଲାଗି କରନ୍ତି । ଅନ୍ୟାନ୍ୟ ସେବା ପରେ କୋଠ ସୁଆଁସିଆମାନେ ଚାଟି ଖଟ ଆହାରକୁ ନେଇ ଯାଆନ୍ତି । ଭିତରେ ପାଣି ପଡ଼େ । ପରେ ପରେ ନବଯୌବନ ଦର୍ଶନ ହୁଏ । ପରେ ପାଣିଆ ଆପଟ ଦ୍ୱାରା ଏହି ସ୍ନାନ ମାର୍ଜ୍ଜନା ହୋଇଥାଏ । ଘଟୁଆରୀ ଘରଠାରୁ ଚନ୍ଦନ ଆସି ତିନିଗୋଟି ରୂପା ପିଙ୍ଗଣରେ ଚନ୍ଦନ ଲାଗି ହୁଏ । ତାପରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଖଣ୍ଡି ଲେଖାଏଁ ଓ ସୁଦର୍ଶନ ଏକ ଖଣ୍ଡି ଲୁଗା ଲାଗି ହୁଅନ୍ତି । ପରେ ପତି ମହାପାତ୍ର ବନ୍ଦାପନା କରନ୍ତି । ତିନିଜଣ ଦଇ ମହାପାତ୍ର (କରଣ ସେବକ) ତିନି ଗୋଟି ରୂପା ବଟାରେ ତିଆରି ଥିବା କଳା ଦେଖନ୍ତି । ତିନିଜଣ ପୂଜା ପଣ୍ଡା ତିନିଖଣ୍ଡ କାଠରେ ତିନି ଠାକୁରଙ୍କର 'ଶ୍ରୀ ନେତ୍ର' ଲାଗି କରନ୍ତି । ଏହା ହିଁ ନେତ୍ରୋତ୍ସବ ନାମରେ ପରିଚିତ । ତିନି ବାଡ଼ରେ ପଣ୍ଡା, ପତି, ମୁଦିରଥ ବନ୍ଦାପନା କରନ୍ତି ଏବଂ ଏହିପରି ବର୍ଷକରେ ଥରେ ନେତ୍ରୋତ୍ସବ ପର୍ବର ସମାପନ ହୁଏ ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

## ଦେବସ୍ନାନ ପୂର୍ଣ୍ଣିମା


ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

'ସ୍ନାନ ମଣ୍ଡପ' ଜଗନ୍ନାଥ ମନ୍ଦିରର ଆନନ୍ଦ ବଜାର (ଯେଉଁଠାରରେ ମହାପ୍ରସାଦ ବିକ୍ରୟ ହୁଏ) ନିକଟରେ ଅବସ୍ଥିତ । ଏହାର ଦୈର୍ଘ୍ୟ ପ୍ରସ୍ଥ ୭୫ ଫୁଟ । ଏହା ଉପରେ ଜଗନ୍ନାଥ ବଳଭଦ୍ର ପ୍ରଭୃତି ବିଗ୍ରହମାନଙ୍କରେ ବସିବା ପାଇଁ ସିଂହାସନ ନିର୍ମାଣ କରାଯାଇଛି । ସିଂହାସନକୁ ଯିବାକୁ ବେଦୀ ଉପରେ ପୃଥକ ପାହାଚମାନ ଅଛି । ସେହିପରି ମଣ୍ଡପ ଉପରକୁ ଆନନ୍ଦ ବଜାରରୁ ଯିବାକୁ ଉତ୍ତର ଓ ଦକ୍ଷିଣ ଦିଗରେ ପାହାଚମାନ ଅଛି । ଏହି ମଣ୍ଡପଟି ଅତ୍ୟନ୍ତ ଉଚ୍ଚ ହୋଇଥିବାରୁ ଅନେକ ତଳରେ ଥିବା ସିଂହଦ୍ୱାରର ଯେ କୌଣସି ଅଂଶରୁ ପୁରା ମଣ୍ଡପଟି ଦେଖାଯାଇ ପାରିବ । କେବଳ ରଥଯାତ୍ରାରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରୁ ବାହାରି ବିଜେ ହୋଇ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେ ସମସ୍ତଙ୍କୁ ଦେଖାଦିଅନ୍ତି ତାହା ନୁହେଁ, ଏହି ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରର ବେଷ୍ଟନୀ ମଧ୍ୟରେ ଥାଇ ସୁଦ୍ଧା ସେହିପରି ସମସ୍ତଙ୍କୁ ଦର୍ଶନ ଦିଅନ୍ତି ।

ଶ୍ରୀଜଗନ୍ନାଥ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଗ୍ରହ ନୁହନ୍ତି । ଏହି ଚତୁର୍ଦ୍ଧା ମୂର୍ତ୍ତିରେ ସକଳ ପ୍ରକାର ଦାର୍ଶନିକ ଚିନ୍ତା ଓ ଚୈତନ୍ୟ ତଥା ବିବିଧ ଧର୍ମ ଧାରଣର କେବଳ ସମନ୍ୱୟ ହୋଇନି, ମିଳନ ମଧ ଘଟିଛି । ସେହି ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା, ଶ୍ରେଷ୍ଠତମ ମାନବ ଧର୍ମର ପ୍ରଚାର କରୁଛି । ସେହି ରଥଯାତ୍ରାର ପ୍ରାରମ୍ଭରୁ ହେଉଥିବା ଦେବସ୍ନାନ ପୂର୍ଣ୍ଣିମା ଯାତ୍ରାର ତାତ୍ପର୍ଯ୍ୟ ବେଶ ଅଧିକ । ନୀଳାଦ୍ରି ମହୋଦୟ ଜଗନ୍ନାଥ ମନ୍ଦିରରେ ନୀତି ସମ୍ବନ୍ଧୀୟ ଧର୍ମ ପୁସ୍ତକରେ ଉଲ୍ଲେଖ ଅଛି ଯେ, ଶ୍ରୀଜଗନ୍ନାଥ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଜନ୍ମ ଗ୍ରହଣ କରିଥିଲେ । ନୈଷଧ କାବ୍ୟରେ ମଧ କବି ଶ୍ରୀହର୍ଷ ଏହି ସ୍ନାନୋତ୍ସବ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଠାରୁ ଭାରତ ଭୂମିର ସମସ୍ତ ତୀର୍ଥ ସମାଗତ ହୁଅନ୍ତି ଶ୍ରୀକ୍ଷେତ୍ରରେ ତାହା ପୁଣି ସୁନା କୂଅରେ ଯାହାକି ବଡ଼ ଦେଉଳର ଉତ୍ତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ଅବସ୍ଥିତ । ଏହି ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ସୁନା ଗୋସାଇଁ ଓ ମୁଦିରଥ ୧୦୮ ଗୋଟି ନୂତନ କୁମ୍ଭରେ ଜଳ ଗରାବଡୁ ସେବକମାନଙ୍କ ଦ୍ୱାରା ଅଣାଇ ଭୋଗ ମଣ୍ଡପରେ ଅଧିବାସ କରି ରଖିଥାନ୍ତି । ଘଟୁଆରି ଚନ୍ଦନ ଘୋରି କର୍ପୂର, କେଶର ଓ ଗୁଆ ଇତ୍ୟାଦି ଏହି ଜଳରେ ମିଶାଇ ଏହାକୁ ଅତ୍ୟନ୍ତ ସୁଗନ୍ଧିତ କରିଥାଆନ୍ତି । ଗରାବଡୁମାନେ ୧୦୮ କୁମ୍ଭ ଉପରେ ୧୦୮ଟି ନଡ଼ିଆ ଓ ୧୦୮ ଖଣ୍ଡି କରିଆ ରଖନ୍ତି । ତେଣୁ ଏହି ପର୍ବ ରାତିରେ ବଡ଼ ସିଂହାର ପରେ ଠାକୁରମାନଙ୍କର ପହୁଡ଼ କରାନଯାଇ ଶ୍ରୀମୁଖରେ ଖଣ୍ଟୁଆ ପକାଯାଏ । ଅର୍ଥାତ୍ ମୁହଁରେ ଲୁଗା ଘୋଡ଼ାଇ ଦିଆଯାଏ । ପରେ କୋଠ ସୁଆଁସିଆମାନେ ଠାକୁରମାନେ ରତ୍ନସିଂହାସନରୁ ବିଜେ କରିବା ପାଇଁ କଳାହାଟ ଦୁଆର ଠାରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଚାରମାଳ ବାନ୍ଧନ୍ତି । ପୂର୍ବରୁ ସେମାନେ ମଧ ସ୍ନାନ ମଣ୍ଡପରେ ଚାନ୍ଦୁଆ ଇତ୍ୟାଦି ବାନ୍ଧି ସାଜସଜା କରିଥାଆନ୍ତି । ପୂର୍ଣ୍ଣିମା ଦିନ ସକାଳୁ ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ ଠାକୁରମାନଙ୍କ ଦେହରେ ଡୋରି ଲାଗି କରନ୍ତି । ପରେ ପରେ ଘଣ୍ଟ କାହାଳୀ ଓ ବାଦ୍ୟ ବାଜି ଉଠେ । ଛତିତରାସ ଇତ୍ୟାଦି ଧରାହୁଏ । ଅପୂର୍ବ ବାଦ୍ୟ ଶବ୍ଦ ସାଙ୍ଗକୁ ଅପୂର୍ବ ଦୃଶ୍ୟ ପରିବେଶରେ ଉଦ୍‌ଭାସିତ ହୋଇଉଠେ । ଭକ୍ତର ହୃଦୟ କନ୍ଦରର ଆକାଂକ୍ଷିତ ପହଣ୍ଡି ବିଜେ ଆରମ୍ଭ ହୁଏ । ଏହି ଦିନ ଧାଡ଼ି ପହଣ୍ଡି ହୁଏ । ଗୋଟି ପହଣ୍ଡି ନୁହେଁ । ବିଗ୍ରହମାନେ ଜଣକ ପରେ ଜଣେ ଏକାଠି ବିଜେ ହେଲେ ଧାନି ପହଣ୍ଡି କହନ୍ତି ।

ତିନିଜଣ ପୂଜା ପଣ୍ଡା ଷୋଡ଼ଶ ଉପଚାରରେ ପୂଜା ସାରିବା ପରେ ଗରାବଡୁମାନେ ରୂପା ପିଙ୍ଗଣ ଧରିଥିବା ତିନିଜଣ ମେକାପଙ୍କୁ ଜଳ ଦିଅନ୍ତି । ଏହି ପିଙ୍ଗଣରୁ ଜଳନେଇ ପୂଜା ପଣ୍ଡାମାନେ ଠାକୁରମାନଙ୍କୁ ଲାଗି କରନ୍ତି । ଏତେବେଳେ ମଧ ଉଚ୍ଚାରିତ ମନ୍ତ୍ର ଧ୍ୱନି ସହ ଘଣ୍ଟା କାହାଳୀ ବାଜୁଥାଏ । ଜଳ ଲାଗି ସରିଗଲେ, ଲେଙ୍କା ଓ ପାଇକମାନେ ସେହିପରି ବାଦ୍ୟ ବଜାଇ ଗୋପାଳତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ହାତୀବେଶ ଆଣନ୍ତି । ଅନ୍ୟ ଦୁଇ ଠାକୁରଙ୍କ ପାଇଁ ଏହି ବେଶ୍ ଆସେ ରାଘବ ଦାସ ମଠରୁ । ବିଗ୍ରହମାନେ ଗଜାନନ ବେଶ ପରେ ପୁଷ୍ପାଳକମାନେ ପୁଷ୍ପ ଲାଗି କରନ୍ତି ।

କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩


## ରାଜ୍ୟ ସୀମା ରେଖା ବାହାରେବି ଏକ ସ୍ୱର, 'ମୁଁ ବି ଗୋଟିଏ ଓଡ଼ିଆ ଛୁଆ'

ଦଶହରା ପର୍ବର ଭିଡ଼ ଭିତରେ, ଛଉ ନୃତ୍ୟ ସହିତ, ଓଡ଼ିଆ ଗୀତ । ଓଡ଼ିଆ ଗୀତରେ ଭାବ ପ୍ରବଣ ଯୁବା ଓ ଯୁବତୀ, ପିତା ଓ ମାତା, ସମ୍ବଲପୁରୀ ସାର୍ଟ, ଚୁଡ଼ିଦାର ଓ ଶାଢ଼ୀ ସହିତ ସମ୍ବଲପୁରୀ ଗୀତ ଓ ବାଦ୍ୟ, ପାଲା କୀର୍ତ୍ତନରେ, ଝୁମିଯିବା ଭିଡ଼କୁ ଓ ଠିଆ ହୋଇଥିବା ମାଟିକୁ କାହିଁକି ନ କହିବା, ଓଡ଼ିଆ ଅଞ୍ଚଳ, ଓରଫ ଝାଡଖଣ୍ଡ ?

'ମୋର ଘର ଚ଼ାଇବସା, କିନ୍ତୁ ମୁଁ ପୁଅ ପାଇଁ ବହୁ, ଆଉ ଝିଅ ପାଇ ଜ୍ୱାଇଁ, ଓଡ଼ିଶାରେ କରିଛି । ଆମର ଚ଼ାଲି ଚ଼ଳଣି ଦିଆ ନିଆ ସବୁ ଓଡ଼ିଆ', ଖୁସିରେ ଓ ଗର୍ବରେ କହିଲେ ଜଣେ ଅର୍ଦ୍ଧ ବୟସ୍କା ମହିଳା । ଚ଼ାଇବସା, ଝାଡଖଣ୍ଡରୁ ପ୍ରଥମ ଥର ରେଳ ଗାଡ଼ି ପାଇଁ ଚ଼କ୍ରଧର ପୁର ରେଳ ଷ୍ଟେସନରେ ରେଳଗାଡ଼ି ଜଗି ଥିବା ସମୟରେ ଏକ ଆଳାପ ।

'ମୁଁ ଏହି ବସ୍ତିର ୱାର୍ଡ ପ୍ରଭାରି, ବିଗତ ପନ୍ଦର ବର୍ଷ ହେଲା ମୁଁ ନିର୍ବାଚ଼ିତ ହୋଇ ଆସୁଛି, ଏହି ବସ୍ତିଟି ଯାକ ଓଡ଼ିଆ । ଆମର ନିଜସ୍ୱ ଜାଗା ନାହିଁ, ସରକାରୀ ଜାଗାରେ ଅନାଦି କାଳରୁ ରହି ଆସିଛୁ । ଆମର ପୂଜା, ପ୍ରଥା, ଜାନୀ ଯାତ୍ରା, ଖିଆ ପିଆ, ସବୁ ଓଡ଼ିଆ' । 'ଏଠି ଓଡ଼ିଆ ନହେଲେ ୱାର୍ଡ ସଦସ୍ୟରେ ଜିତି ପାରିବ ନାହିଁ', କହିଲା ଚ଼ାଇବସା ବସଷ୍ଟାଣ୍ଡ ପାଖର 'ଗାଡିଖାନା ' ବସ୍ତି ନିବାସୀ, ୱାର୍ଡ ପ୍ରଭାରି, ଯିଏକି ମୋର ନୂଆ ଇପ୍ସିତ ଅଣ ଆନୁଷ୍ଠାନିକ ଶିକ୍ଷା ପ୍ରକଳ୍ପ ପାଇଁ ମୁଖ୍ୟ ସୂଚ଼ନା ଦାତ୍ରୀ, ଗଙ୍ଗା । 'ମୁଁ ଆମ ପଞ୍ଚାୟତର ସରପଞ୍ଚ । ମୋର ବାପା ମୁଖିଆ' । 'ଆମେ ଓଡ଼ିଆ ଗୀତ, ସିନେମା, ସବୁ ୟୁଟ୍ୟୁବରେ ଦେଖୁଁ । ପୁରୀ, ଭୁବନେଶ୍ୱର ଯାଉଁ । ଏଇ ବର୍ଷ ଆମ ଝିଅକୁ କେଉଁଝର, ଚ଼ମ୍ପୁଆରେ ବାହା ଦେବୁ' । 'ଆମ ଗାଁଟି କଣ, ପଞ୍ଚାୟତଟି ଯାକ ଓଡ଼ିଆ' । 'ତୁମ ପରି ଓଡ଼ିଆ କହି ପାରୁନୁ । ସରକାରୀ ଲେଖା ପଢ଼ାତ ହିନ୍ଦୀ ହୋଇଗଲା, କହୁଛୁ ଓଡ଼ିଆ, ଲେଖୁଛୁ ହିନ୍ଦୀ' । ଗତ ଏପ୍ରିଲ ମାସରେ ଏପରି ଉକ୍ତି, ପ୍ରକଳ୍ପ ଭ୍ରମଣ ସମୟରେ ଜଣେ ପଞ୍ଚାୟତର ସରପଞ୍ଚ କହିଥିଲେ । 'ମୁଁ ଓଡ଼ିଆ ନୁହେଁ, ହୋ ଆଦିବାସୀ ଝିଅ, ବାହା ହୋଇଛି ହୋ ଆଦିବାସୀ ଘରେ । ମୁଁ ଓଡ଼ିଆ କୁହେ, ହୋ କୁହେ ଓ ହିନ୍ଦୀବି କୁହେ । ଆମର ହୋ ଲୋକ ବି ଓଡ଼ିଆ ଜାଣନ୍ତି । ଆମେ ସବୁ ମିଳି ମିଶି ରହୁଁ' । ପ୍ରକଳ୍ପ ଭ୍ରମଣ ସମୟରେ ଜଣେ ସ୍ୱାସ୍ଥ୍ୟ ସହାୟିକା ଏହି ଉକ୍ତି ପ୍ରକାଶ କରିଥିଲେ । 'ମୁଁ ଓଡ଼ିଆ ପଞ୍ଚମ ଶ୍ରେଣୀ ଯାଏଁ ପଢ଼ିଲି । ତାପରେ, ଆଗକୁ ଶିକ୍ଷକ ମିଳନ୍ତି ନାହିଁ ବୋଲି, ପଢ଼ାରେ ଅସୁବିଧା ହେବ ଭାବି, ମୁଁ ହିନ୍ଦୀ ମାଧ୍ୟମରେ ବିଏ ସାରିଲି । ମୁଁ ଓଡ଼ିଆ ପଢ଼ି ଓ ଲେଖି ଜାଣେ । ବ୍ୟବହାର କମ, ତେଣୁ ଅଭ୍ୟାସ ଛାଡ଼ି ଯାଉଛି' । ଇଏ ହେଉଛନ୍ତି, ଝାଡ଼ଖଣ୍ଡର ଓଡ଼ିଆ ଅଧିବାସୀ, ମୋର ସହକର୍ମୀ । 'ଓଡ଼ିଆ ଖାଦ୍ୟ, ଶାଗ, ପିଠା, ସନ୍ତୁଳା ନାନା ପ୍ରକାର । ପିଠା: କାକରା ପିଠା, ପୋଡ ପିଠା, ମଣ୍ଡା ପିଠା, ଶାରୁ ପତ୍ର ପିଠା, ତାଳ ପିଠା, ଆରିସା ପିଠା, ସର ପିଠା, ଶିଝା ପିଠା ଇତ୍ୟାଦି । ଶାଗରେ ବି ଅନେକ ପ୍ରକାର ଶାଗ, ଭାଜି ଶାଗ, ମେଥି ଶାଗ, ସଜନା ଶାଗ, ମୂର୍ଦ୍ଦଙ୍ଗ ଶାଗ, ମାର୍ଷି ଶାଗ, ଖପୁରୀ ଶାଗ, ଦେଶ ଶାଗ, ଇତ୍ୟାଦି । ମାଛ: ଭକୁର, ରୋହି, ମାଗୁର, ଇଲିସି, ପିତାଡି, ଝରାଡି, ବୁଆଡ, ହାଡ଼ି ଚେଙ୍ଗ, ଗଡେଇ, ଗେଥୁ ଇତ୍ୟାଦି । ହରକେଇ, ବଏତରଣି, ସୁବର୍ଣ୍ଣରେଖା ନଦୀରେ ବର୍ଷ ସାରା ମିଳେ । ଚ଼ିଙ୍ଗୁଡ଼ି ଛୋଟ ବଡ଼ ବିଭିନ୍ନ ପ୍ରକାର, ଅନେକ ପ୍ରକାର, ସ୍ଥାନୀୟ, ବନ୍ଧ, ସର, ନଦୀ ଇତ୍ୟାଦି ରୁ ମିଳେ । ମାଛର ପ୍ରଚୁର୍ଯ୍ୟତା ପାଇଁ ସ୍ଥାନୀୟ ଅଂଚ଼ଳର ସୁଖା, ପୋଡ଼ା, ଶୁଖୁଆ ମାଛ ବି ମିଳେ । ପଖାଳ ବାସି ଓ ଗରମ, ଉଭୟ ପଖାଳ ସାଙ୍ଗେ, ବଡ଼ିଚୁରା, ପାମ୍ପଡ, ଘାଣ୍ଟ, ନାନା ପ୍ରକାର ଚ଼ଟଣୀ, ଧନିଆ, ପଦିନା, ବିଲାତି, ବାଇଗଣ, ପୋଟଳ, ଆଳୁ, ଭେଣ୍ଡି, ନିମ ପତ୍ର ଚ଼ଟଣୀ, କଙ୍ଗରା ଚ଼ଟଣୀ ଇତ୍ୟାଦି । ଏସବୁ ଆମର ଭଲ । ଏଇଠି ହୋ ଆଉ ବିହାରିବି ଆମ ପରି ଖାଇବା ରୁଚ଼ି, ରୀତି ଓ ପ୍ରସ୍ତୁତି କରନ୍ତି' । 'ମୁଁ ନିଜେ ଏଇଠି ଏକ ହୋଟେଲ ରେ ଖାଏଁ, ବିହାର ପରି ଏଇଠି କଷ୍ଟ ହେଲା ନାହିଁ' । 'ଆଦିବାସୀଙ୍କ ପର୍ବ ଅଲଗା, ବାକି ସବୁ ଓଡ଼ିଆ ପର୍ବ ଓ ପୂଜା ଯଥା, ମଙ୍ଗଳା ଉଷା, ରଜ, ମକର, କାର୍ତ୍ତିକ ପୂର୍ଣ୍ଣମୀ, ଡଙ୍ଗାଭଶା, ସମଲେଶ୍ୱରୀ, ଗଜ ବେଣୀ, ତାରିଣୀ, ଗ୍ରାମ ପୂଜା, ବସ୍ତ୍ରା ହାଣ୍ଡି, ଝୁମଙ୍କ ?ଶ୍ୱରି, ସୁଦେଶା ବ୍ରତ ଇତ୍ୟାଦି ପୂଜା ଏଠି ପାଳନ କରାଯାଏ', କହିଲେ, ଜଣେ ମୋ ଭଡ଼ା ଘର ପାଖ ଓଡ଼ିଆ ସ୍ଥାଇ ବାସିନ୍ଦା ବିଧବା ମହିଳା ପଡୋଶୀ । 'ସ୍ୱାମୀ ବି ଓଡ଼ିଆ, କାରଗିଲ ଯୁଦ୍ଧରେ ସହିଦ ହେଲେ ।'

ଜାମସେଦପୁର ସହରର ଜଣେ ଓଡ଼ିଆ ଭାଇ କହନ୍ତି, 'ମୁଁ ଜଣେ ଓଡ଼ିଆ, ମୋ ପରିବାରବୃନ୍ଦ ସମସ୍ତେ ଓଡ଼ିଆ, ଘରେ ଓ ବହାରେବି ଆମେ ଓଡ଼ିଆ କହୁ । ମୁଁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଜାମସେଦପୁର ସହରରେ ପଞ୍ଚମ ଶ୍ରେଣୀ ଯାଏଁ ପାଠ ପଢ଼ିଛି । ଉଚ୍ଚ଼ ଶିକ୍ଷା ପାଇଁ ହିନ୍ଦୀ ସ୍କୁଲକୁ ଗଲି ।' ଏପରି ଏକ ପରିବେଶରେ ଓଡ଼ିଆ ଭାଷା ବାଦୀଙ୍କ ପାଇଁ ଉତ୍କଳ ଦିବସ ଉପଲକ୍ଷେ ଏକ ଆଲେଖ୍ୟ ପ୍ରସ୍ତୁତ କରିବା ସମୟରେ ଇଣ୍ଟର ନେଟରେ ଦେଖିଲି, ଓଡ଼ିଶାର ରାଜନୈତିକ ଦଳ ସମୂହ ଝାଡ଼ଖଣ୍ଡ ସରକାରଙ୍କୁ ଅନୁରୋଧ କରନ୍ତି, ଓଡ଼ିଆ ଭାଷା 'ଶିକ୍ଷକ ପ୍ରଶିକ୍ଷଣ' ତାଲିମ ଖସଡ଼ାରୁ, ଓଡ଼ିଆ ଭାଷାକୁ ଉଚ୍ଛେଦ ନ କରାଯାଉ । ସାଡେଇଖଳାର ରାଜାଙ୍କ ଦାୟାଦ, ବ୍ୟକ୍ତିଗତ ସାକ୍ଷାତକାର ସମୟରେ ଶ୍ରୀ ପ୍ରତାପ ସିଂହଦିଓ କହନ୍ତି, ସବୁ ଖାଦ୍ୟ ପେୟ, ପର୍ବ ପର୍ବାଣୀ, ବିବାହ


ଡୁଇଟ ଡେଭିଡ ଫିଲିପ

ବନ୍ଧୁତା ଏବେବି ଆମର ଓଡ଼ିଆ । ତାଙ୍କର ପାରିବାରିକ ସମ୍ପର୍କ କଳାହାଣ୍ଡି, ମୟୂରଭଞ୍ଜ, ପୁରୀ, ବଲାଙ୍ଗୀର ଇତ୍ୟାଦିର ରାଜ ପରିବାର ସହିତ ଏବେବି ରହିଛି । ଯିବା ଆସିବା ବି ଚ଼ାଲିଛି । କିନ୍ତୁ ଏଇଠି, 'ହିନ୍ଦୀ' ସରକାରୀ ମାଧ୍ୟମର ଭାଷା, ସେଥିପାଇଁ, ଆମ ଓଡ଼ିଆ ଭାଷା ଝାଡଖଣ୍ଡରେ ଅବକ୍ଷୟ ହେଉଛି । ସଡେଇଖଳା ସହର ଯାକ ଓ ସିଂଭୁମ୍ ଜନତା ଓଡ଼ିଆ । ହୋ ଆଦିବାସୀବି ଓଡ଼ିଆ କହୁଥିଲେ, ଆଜି ଏହା ତାଙ୍କ ଭିତରେ ବିଲୁପ୍ତ ହେବାକୁ ଯାଉଛି । ଝାଡଖଣ୍ଡ ସରକାର, ସିଂଭୁମକୁ, ଓଡ଼ିଆ ଅଞ୍ଚଳ ସ୍ୱିକାର କରନ୍ତି । ଓଡ଼ିଆ ସ୍କୁଲ ଗୁଡ଼ିକ ବି ଏଇଠି ଅଛି । ପିଲା କଲେଜ ଓ ସିଂଭୁମ୍ କୁଲହାନ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଓଡ଼ିଆରେ ବି କରନ୍ତି । ସଡେଇଖଳାର ଘରେ ଘରେ ପୁରେ ପୁରେ, ରାଜମହଲ ଠୁ ଆରମ୍ଭ କରି, ସବୁ ପଡ଼ା, ସାହି, ଦୋକାନ ବଜାର, ଗାଧୁଆ ତୋଠ, ଶ୍ମଶାନ ଇତ୍ୟାଦି ସବୁ ଜାଗାରେ ଓଡ଼ିଆ ଓ ଓଡ଼ିଆ ଭାଷା ପ୍ରଚ଼ଳିତ । ଦୋକାନ ବଜାରରେ, ଗାଁ ଓ ସହର ପ୍ରବେଶ ସ୍ଥାନରେ ଓଡ଼ିଆ ସୂଚ଼ନା ଫଳକ ଦେଖିବାକୁ ମିଳେ ।

ସିଂଭୁମ୍ ଅଞ୍ଚଳ ପାଇଁ କୁଲହାନ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି । ଏହାର ସ୍ନାତକତ୍ତର ବିଭାଗର ଏଚ଼ଓଡ଼ି ବା ମୁଖ୍ୟ ଡ. ହରିହର ପ୍ରଧାନ ସାକ୍ଷାତ କାର ସମୟରେ କହନ୍ତି, କୁଲହାନ ପ୍ରକୃତରେ ଏକ ଭୌଗଳିକ ଅଞ୍ଚଳ । ଏହା ଓଡ଼ିଆ ଓ ହୋ, ଭାଷା ବାଦି ଓ ଭୁସମ୍ପତ୍ତିରେ ପରିପୂର୍ଣ୍ଣ । ଓଡ଼ିଶା, ଭାଷା, ଗୀତ, ନୃତ୍ୟ, ପର୍ବ, ଖାଦ୍ୟ, ପୂଜା, ରୀତି, ନୀତି, ସଂସ୍କୃତି ଏହାର ପ୍ରମାଣ । ଛଉ ନୃତ୍ୟ, ସିଂଭୁମରୁ ଜାତ । ସିଂଭୁମ୍ ବର୍ତ୍ତମାନ ପୁର୍ବ ସିଂଭୁମ୍ ଓ ପଶ୍ଚିମ ସିଂଭୁମ୍ ନାମରେ ବିଭକ୍ତ, ତା ଉପରେ ସାଡେଇଖଳା ଏକ ଜିଲ୍ଲା । ଏହି ଅଞ୍ଚଳ ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ସୀମାକୁ ଲାଗି ରହିଛି । ଏହି ତିନି ଜିଲ୍ଲାର ସହର ଓ ଗାଁ ମାନଙ୍କର ହାଟ, ବଜାର, ସ୍କୁଲ, କଲେଜରେ ପିଲା ବହୁ ମାତ୍ରାରେ ଓଡ଼ିଆ କହନ୍ତି । ଆନେକ ଗାଁ, ସମ୍ପୂର୍ଣ୍ଣ ଓଡ଼ିଆ । ଭଣ୍ଡାରି, ବାରିକ, କୁମ୍ଭାର, ଧୋବା, ଗଉଡ, ଗୁଡ଼ିଆ, ବ୍ରାହ୍ମଣ ନ ହେଲେ ବିବାହ ଓ ମୃତ୍ୟୁର କ୍ରିୟା କର୍ମ ଓଡ଼ିଆଙ୍କ ହେଉନାହିଁ ଓ ରାଜା ପ୍ରଜା ସବୁ ଓଡ଼ିଆ ରୀତିରେ ସାମାଜିକ ଓ ଧାର୍ମିକ କାର୍ଯ୍ୟ, ସହଜରେବି କରୁଛନ୍ତି ।' 'ଗୁରୁତ୍ୱ ପୂର୍ଣ୍ଣ ଓ ହୃଦୟ ବିଦାରକ ବିଷୟ ହେଉଛି, ଏହି ଅଞ୍ଚଳର ଅନେକ ସ୍ଥାନୀୟ ଓଡ଼ିଆ ଶବ୍ଦ, ଢଗ, ଢ଼ମାଣି, ଲୋକ ଗୀତ, କାହାଣୀ, ଯାହାକି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଳିଷ୍ଠ, ବଇଭବ, ବ୍ୟାପକ ଓ ଶ୍ରୀବୃଦ୍ଧି କରିପାରିବ, ତାହା ଓଡ଼ିଶା ଭାଷା ଓ ସାହିତ୍ୟ ସହିତ ଯୋଡ଼ା ଜାଇ ପାରୁନାହିଁ ବରଂ କ୍ଷୀପ୍ର ଗତିରେ ଲୋପ ପାଉଛି । ଓଡ଼ିଆ ଭାଷାର ଉନ୍ନତ ଅକ୍ଷର ଓ ବ୍ୟାକରଣ ଥାଇ, ଏହା ଏହି ଅଞ୍ଚଳରେ ଉପେକ୍ଷିତ, କିନ୍ତୁ ହୋ ଜନଜାତିର ଅକ୍ଷର ନ ଥାଇ ଏବେ ଅକ୍ଷର ଉଦ୍ଭାବନ କରାଯାଇଛି ଓ ହୋ ଭାଷାର ସଂରକ୍ଷଣ ଓ ଉନ୍ନତିର ପ୍ରକ୍ରିୟା ଜୋର୍ ସୋର୍ ରେ ଚ଼ାଲିଛି । ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, କେଉଁଝର, ସୁନ୍ଦରଗଡ଼ ସହିତ ସିଂଭୁମ୍ ଓ କୁଲହାନ ଅଞ୍ଚଳରୁ ଯାତାୟାତ ସୁବିଧା ଅଛି ଓ ନିତିଦିନ ଯାତାୟାତ ଚ଼ାଲିଛି । ଏହି ସୁସମ୍ପର୍କର ମମତା ଓ ମାଧୂର୍ଯ୍ୟ ଏହି ଦୁଇ ପ୍ରଦେଶ ମଧ୍ୟରେ ଯାତ୍ରା କରୁଥିବା ସାର୍ବଜନିନ ବସ୍ ଓ ଟ୍ରେନ ରେ ଯାତ୍ରା କଲେ, ତାହାର ଆନନ୍ଦ ଉପଭୋଗ କରିହୁଏ । ଅନ୍ୟ ପକ୍ଷରେ କୋଲାହନ ତମ୍ବା, ଲୁହା ପଥର, ୟୁରାନିୟମ, ଚୁମ୍ବକ ପଥର, ନିକେଲ, ସୁନା, ସିଲଭର୍, ଟେଲୁରିଅମ୍, ସେଲେନିଅମ୍ ଇତ୍ୟାଦି ଖଣିଜ ପଦାର୍ଥର ଗୃହ କହିଲେ ଅତ୍ୟୁକ୍ତି ହେବ ନାହିଁ । ଟାଟା, ଏସିସି, ରୁଙ୍ଗଟା ଓ ଅନ୍ୟାନ୍ୟ ଶିଳ୍ପପତି ବ୍ରିଟିଶ ଅମଳରୁ ଏଠି ଶିଳ୍ପ ଉଦ୍‌ଯୋଗି । ବିଦେଶୀ କମ୍ପାନୀ ମାନଙ୍କର ବି ଏଠି ନଜର ରହି ଆସିଛି । କୋଇଲା, ଲୁହା ପଥର, ଜଙ୍ଗଲ ଦ୍ରବ୍ୟ ପାଇଁ, ଦୁର୍ଗମ ଗିରି କନ୍ଦରକୁ ମାଲ ବାହି ରେଳ ସାଙ୍ଗକୁ ଯାତ୍ରୀ ବାହି ରେଳ ପଥ ତିଆରି ଯଦିଓ ବହୁଦିନରୁ ହୋଇଛି, ଜନ ସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ଚ଼ାଷ ଉତ୍ପାଦନ ଇତ୍ୟାଦି, ଓଡ଼ିଶାର କୌଣସି ଏକ ଜିଲ୍ଲାର ବିକାଶର ସୁଚ଼ାଙ୍କ ଠାରୁ ଅଧିକ ନୁହେଁ ତାହା ମନେ ହେଉଛି । ଚ଼ାଇବସା, ଚ଼କ୍ରଧରପୁର ଓ ଟାଟା ରେଳ ଷ୍ଟେସନରୁ ସବୁଦିନ ବହୁ ସଂଖ୍ୟାରେ ଦାଦନ ଯାତାୟାତ କରୁଛନ୍ତି । ଦାଦନ ଶୋଷଣ ଓ ମୃତ୍ୟୁ ଖବର, ଏହି ଅଞ୍ଚଳର ଖବର କାଗଜରେ ସାଧାରଣ ଖବର ଅଟେ । ବର୍ତ୍ତମାନର ରାଷ୍ଟ୍ରପତି ଶ୍ରୀମତି ଦ୍‌ରୋପଦି ମୂର୍ମୁ ଯେତେବେଳେ ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳ ଥିଲେ, ସେ ରାଇରଙ୍ଗପୁରରୁ ସୁବିଧାରେ ଯିବା ଆସିବା କରୁଥିଲେ । ଏଠିକାର ଓଡ଼ିଆ ଓ ଅଣ ଓଡ଼ିଆ ଭାଷାବାଦୀ, ଶ୍ରୀମତି ମୂର୍ମୁଙ୍କୁ ନିଜର ଓଡ଼ିଆ ଭାବି, ଅଧିକ ଆପଣାଇ ନେଇଥିଲେ ।

ଏଠି ଜାଣି ରଖିବା, ଓଡ଼ିଶାରେ ସାନ୍ତାଳୀ ଜନ ଜାତି, ସାନ୍ତାଳୀ ଭାଷା ସହିତ ଓଡ଼ିଆ କହନ୍ତି । ସିଂହଭୁମ୍ ଓ କୁଲହାନ ଅଞ୍ଚଳର ସାନ୍ତାଳୀ ଜନ ଜାତି ମଧ୍ୟ ସାନ୍ତାଳୀ ଭାଷା ସହିତ ଓଡ଼ିଆ କହନ୍ତି । ସେମାନଙ୍କର ରକ୍ତ ସମ୍ପର୍କ ରହିଛି । ୧୯୪୮ ପର୍ଯ୍ୟନ୍ତ, ସଢେଇଖଳା-ଖର୍ଶୁଆଁ ରାଜାଙ୍କ ଅଧୀନରେ ଏହି କୁଲହନ, ସିଂଭୁମ୍, ସଢେଇଖଳା ଓ ଖର୍ଶୁଆଁ ରାଜ୍ୟ ଗୋଟିଏ ରାଜା ଶାସନର ରିୟାସତ୍ ହୋଇ ରହି ଆସିଥିଲା, କିନ୍ତୁ ଜନଜାତିଙ୍କ ଓ ରାଜାଙ୍କର ଇଚ୍ଛ଼ା ଅନୁଯାୟୀ ଏହି ଅଞ୍ଚଳ ବିହାର ପ୍ରଦେଶରେ ମିଶିଗଲା । ଡ. ହରିହର ପ୍ରଧାନ କହନ୍ତି, ଯଦିଓ ଓଡ଼ିଆ ଛାତ୍ର, ଛାତ୍ରି, ଶିକ୍ଷକ, ଅଧ୍ୟାପକ ଓ ଜନ ସାଧାରଣ ଓଡ଼ିଶା ଓ ଓଡ଼ିଆ ବାସୀଙ୍କ ସହିତ ସମ୍ପର୍କର ପୁନଃ ସ୍ଥାପନର ପ୍ରଗାଢ ଇଚ୍ଛା ପୋଷଣ କରନ୍ତି, କିନ୍ତୁ ଓଡ଼ିଶା ରାଜ୍ୟ ତରଫରୁ ହାର୍ଦ୍ଦିକତା ଓ ସହଯୋଗ, କଳା ଓ ସାହିତ୍ୟ ସଂରକ୍ଷଣ ଓ ଗବେଷଣା ଇତ୍ୟାଦି ଦିଗରେ ଦେଖିବାକୁ କ୍ୱଚ଼ିତ ମିଳେ । କେତେବେଳେ କେମିତି କିଛି କର୍ମସାଳା ବା ସଭା ସମିତି, କାଆଁଭାଁ କରି ଭାବପ୍ରବଣତାରେ ଶେଷ ହୁଏ । କଳା ଓ ସାହିତ୍ୟର ଗବେଷଣା, ସଂରକ୍ଷଣ ଓ ସମ୍ପର୍କ ବୃଦ୍ଧିରେ ଉଭୟ ରାଜ୍ୟର ରାଜ୍ୟ ସ୍ତରୀୟ ଓ ବିଶ୍ୱ ବିଦ୍ୟାଳୟ ସ୍ତରୀୟ ଉଦ୍ୟମ ଲଗାତାର ହୋଇ ପରୁ ନାହିଁ । ବିଶ୍ୱ ବିଦ୍ୟାଳୟ ମାନଙ୍କ ଓଡ଼ିଆ ବିଭାଗ ଗୁଡ଼ିକର ଏକ ସମନ୍ୱୟ କମିଟି ଗଠନ କରି, ଓଭୟ ମୁଖ୍ୟ ମନ୍ତ୍ରୀଙ୍କ ମିଳିତ ତତ୍ତ୍ୱାବଧାନରେ ଅର୍ଥ ଓ କର୍ମ ଚ଼ାରି ଯୋଗାଇ, ପ୍ରକଳ୍ପ ଗୁଡ଼ିକ, ସାହିତ୍ୟ, ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ଦିଆଯାଇ ତଦାରଖ କଲେ, ଓଡ଼ିଆ ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ବିକାଶ ଉଭୟ ରାଜ୍ୟରେ, ଓଡ଼ିଆଙ୍କର ଗୌରବ ଓ ଗାରୀମାକୁ ବଢ଼ାଇବାରେ ସହାୟକ ହୁଅନ୍ତା ।

ରଚ଼ନାର ପରିସମାପ୍ତି ପୂର୍ବରୁ ଏହା ଉଲ୍ଲେଖନୀୟ, ଗରିବ ଆଜିବି, ପୃଥିବୀର ଓ ଭାରତର ସବୁ ଜାଗାରେ ଉପେକ୍ଷିତ । ବିଚ଼ଛିନ୍ନ ଅଞ୍ଚଳର ଓଡ଼ିଆ ଗରିବ, ଯିଏ ପାଠ ପଢିନି, ଖଟିଖିଆ, ମଜୁରିଆ, ଅନ୍ୟ ଭାଷା ବାଦି ଘରେ, ଦପ୍ତରରେ, ଦୋକାନରେ କାମ କରେ, ସେ ବି ଉପେକ୍ଷିତ ତାହା ଅନୁମେୟ, କିନ୍ତୁ କିପରି ଭାଷା ପାଇଁ କେମିତି କଥା କଥାରେ, ଟିହା ଟାପରା, ଓଡ଼ିଶା ପ୍ରଦେଶ ଗଠନ ହେଲା ଦିନୁ ବିଛିନ୍ନାଞ୍ଚଳର ଓଡ଼ିଆ ଅଧିବାସୀ ସହୁଛି, ବିଭିନ୍ନ ପ୍ରକାରେ ଉପେକ୍ଷିତ ହେଉଛି ଯଥା, ମାନସିକ, ଆର୍ଥିକ, ସାମାଜିକ, ଇତ୍ୟାଦି ଭାବରେ, ତାକୁ ଓଡ଼ିଆ ଭାଷା ପ୍ରେମୀ, ଜାତି ପ୍ରେମୀ, କିପରି ହୃଦୟରେ ଚ଼ାପି ସୋଇ ପାରିଛନ୍ତି, ଉତ୍ତର ରଖିବା ଆବଶ୍ୟକ । ପ୍ରଶାସନର ଓଡ଼ିଆ ଅଧିକାରୀ, ରାଜ ନୀତିର ନେତୃବୃନ୍ଦ, ଓଡ଼ିଆ ସାହିତ୍ୟର ସାଧକ ଓ ସାମ୍ବାଦିକ, ଏଦିଗରେ ଉତ୍କଳ ଦିବସ ବ୍ୟତୀତ, ଅନ୍ୟ ଦିବସରେ ବି ଚ଼ିନ୍ତା ଓ କାର୍ଯ୍ୟ ଜାରିରଖିବା ଆବଶ୍ୟକ ।


ସମାଜ ସେବାରେ,
ଚ଼ାଇବାଶା, ଝାଡ଼ଖଣ୍ଡ
ମୋ: ୯୪୩୭୧୦୪୩୦୩

## 'ପଦ୍ମା ନଦୀର ମାଝି'ର ସ୍ରଷ୍ଟା : ମାନିକ ବନ୍ଦୋପାଧ୍ୟାୟ


ବିପିନ ବିହାରୀ ରାଉତ

ଆଧୁନିକ ବାଙ୍ଗଲା ସାହିତ୍ୟରେ ମାନିକ ବନ୍ଦୋପାଧ୍ୟାୟ ଏକ ସୁପରିଚିତ ନାମ । ସେ ଥିଲେ ଏକାଧାରରେ ଔପନ୍ୟାସିକ, ଗାଳ୍ପିକ, କବି, ନାଟ୍ୟକାର ଓ ପ୍ରାବନ୍ଧିକ । ମାତ୍ର ଅଠଚାଳିଶ ବର୍ଷର ଜୀବନ କାଳରେ ସେ ଛତିଶଟି ଉପନ୍ୟାସ, ଶହେ ସତସ୍ତରିଟି କ୍ଷୁଦ୍ର-ଗଳ୍ପ, ଗୋଟିଏ ନାଟକ, ଗୋଟିଏ ପ୍ରବନ୍ଧ ସଂକଳନ ଓ ଗୁଡ଼ିଏ କବିତା ସୃଷ୍ଟି କରିଥିଲେ । ‘ପଦ୍ମା ନଦୀର ମାଝି’, ‘ପୁତୁଲ ନାଚେର ଇତିକଥା’, ‘ସହରତଳି’, ‘ଚତୁଷ୍କୋଣ’, ‘ଜନନୀ’, ‘ପେସା’, ‘ନାଗଫାଶ’, ‘ଚିହ୍ନ’, ‘ଅହିଂସା’ ଓ ‘ଦର୍ପଣ’ ଆଦିକୁ ତାଙ୍କର ଶ୍ରେଷ୍ଠ କୃତି ଭାବେ ଗ୍ରହଣ କରାଯାଏ । ମାନିକଙ୍କ ଶୈଶବ ଦାରିଦ୍ର୍ୟ ମଧ୍ୟରେ କଟିଥିଲେ ହେଁ ସେ ଉଚ୍ଚ ଶିକ୍ଷା ପାଇଥିଲେ । ଗଣିତରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇ ସେ ସ୍କୁଲ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । କେବଳ ଦରମା ଉପରେ ନିର୍ଭରଶୀଳ ଥିବାରୁ ତାଙ୍କର ଆର୍ଥିକ ଅବସ୍ଥା କୌଣସି ସମୟରେ ସ୍ୱଚ୍ଛଳ ହୋଇପାରିନଥିଲା । ଦାରିଦ୍ର୍ୟ ଓ ଅପସ୍ମାର ବ୍ୟାଧି ଯୋଗୁଁ ଖୁବ୍ କମ୍ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ଜୀବନର ଉତ୍ତରାବସ୍ଥାରେ ମାନସିକ ଓ ଶାରୀରିକ କଷ୍ଟରୁ ରକ୍ଷା ପାଇବା ପାଇଁ ସେ ପ୍ରବଳ ସୁରାପାନ କରୁଥିଲେ । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସକ୍ରିୟ ସଦସ୍ୟ ଥିଲେ । ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ ଓ ଶରତଚନ୍ଦ୍ରଙ୍କ ପରି ସେ ବାଙ୍ଗଲା ସାହିତ୍ୟକୁ ଏକ ନବ ଦିଗନ୍ତ ଦେଇଥିଲେ । ତାଙ୍କର ରଚନାମାନ ମାର୍କସ ଓ ଫ୍ରୟେଡୀୟ ଦର୍ଶନ ଦ୍ୱାରା ପ୍ରଭାବିତ ଯଦିଓ ଏହି ଦୁଇ ଦର୍ଶନ ମଧ୍ୟରେ କୌଣସି ସାଧାରଣ ସାମଞ୍ଜସ୍ୟ ନାହିଁ । ପ୍ରେସିଡେନ୍ସି କଲେଜରେ ପଢୁଥିବା ବେଳେ ବିଚିତ୍ରା ସାହିତ୍ୟ ପତ୍ରିକାରେ ତାଙ୍କର ପ୍ରଥମ ଗଳ୍ପ ପ୍ରକାଶିତ ହୋଇଥିଲା । ତାଙ୍କର ପୁରା ନାମ ପ୍ରବୋଧ କୁମାର ବନ୍ଦୋପାଧ୍ୟାୟ । ମାନିକ ତାଙ୍କର ଶ୍ରଦ୍ଧା ନାମ । ୧୯୦୮ ମେ ଆଜିର ଦିନରେ ସଂଥାଲ ପରଗନା ଅନ୍ତର୍ଗତ ଦୁମକା (ଆଧୁନିକ ଝାଡ଼ଖଣ୍ଡ)ରେ ସେ ଜନ୍ମ ହୋଇଥିଲେ ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩



# ସାହିତ୍ୟ ଦର୍ପଣ

## ଶେଷରୁ ଆରମ୍ଭ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ପୁସ୍ତକ କିଣିବା ଓ ପଢ଼ିବା ପାଇଁ ସବୁବେଳେ ମୋ ମନରେ ଏକ ଲାଳସା ରହିଆସିଛି । ବହିପଢା ନିଶା ଏମିତି ମୋତେ ଘାରିଥାଏ ଯେ ରାସ୍ତା କଡ଼ରେ ଥିବା ବୁକ୍ ଷ୍ଟଲ୍ ରୁ ମଧ୍ୟ ମୁଁ ଆଖି ଫେରାଇ ଆଣିପାରେ ନାହିଁ । ଏପରିକି କାହା ଘରକୁ ଯାଇଥିଲେ ମଧ୍ୟ ଥାକରେ ସଜା ହୋଇଥିବା ବହି ଗୁଡିକୁ କାଢ଼ି ତାର କେତୋଟି ପୃଷ୍ଠା ଲେଉଟାଇ ଦେବାରେ ମୋର ତିଳେ ହେଲେ ଦ୍ୱିଧା ନ ଥାଏ । ବେଳେବେଳେ ନିଜ ପ୍ରିୟ ଗାଳ୍ପିକ / ଗାଳ୍ପିକା ବା ଔପନ୍ୟାସିକ / ଔପନ୍ୟାସିକାଙ୍କ ଲିଖିତ କୌଣସି ପୁସ୍ତକ କେଉଁ ବନ୍ଧୁଙ୍କ ଡ୍ରଇଂରୁମ୍ ଶୋଭା ବର୍ଦ୍ଧନ କରୁଥିବା ଦେଖିଲେ ବହି ଟିକୁ ଆଗରୁ ପଢ଼ିଛି ନା ନାହିଁ ବୋଲି ପାଖକୁ ଯାଇ ଟିକେ ପରୀ।। କରିନିଏ ।

ବାସ୍ତବରେ ଜଣେ ପୁସ୍ତକପ୍ରେମୀ ବହି କିଣୁ ବା ନ କିଣୁ ସବୁପ୍ରକାର ବହି ଦେଖି, ବହିର କାଗଜ ଫରଦ ଗୁଡିକୁ ଆଘ୍ରାଣ କରି ନିଜର ବୌଦ୍ଧିକ କାମନାକୁ ତୃପ୍ତ କରିବାକୁ ଚେଷ୍ଟା କରେ । ସେହିଭଳି ଜଣେ ପୁସ୍ତକ ପ୍ରେମୀ ମୁଁ ! ଅନେକ ପ୍ରକାର ବହି ପଢ଼ି ନିଜର ବୌଦ୍ଧିକ କାମନାକୁ ଚରିତାର୍ଥ କରିବାକୁ ସଦା ଚେଷ୍ଟା କରେ ଏବଂ ସେଇ ପୁସ୍ତକ ପ୍ରେମ ଦିନେ ମୋତେ ବାଧ୍ୟ କଲା ମୋର ନିଜର ଏକ କାହାଣୀ ଲେଖିବା ପାଇଁ ! ଅନେକ ଅନୁଭୂତି ସବୁ ଭାସିଉଠିଲା ଗୋଟି ଗୋଟି ହୋଇ, ହେଲେ ଶବ୍ଦ ଖୋଜି ପାଇବା କଷ୍ଟକର ମନେହେଲା । ନିଜର ଅ।ମତା ଓ ଅସହାୟତା ସମ୍ପର୍କରେ ଜାଣିବ ମର୍ମାହତ ହେଲି । କିଛିସମୟ ଆତ୍ମମଗ୍ନ ଭାବରେ ବସିବା ପରେ ଲେଖିବାକୁ ଚେଷ୍ଟା କଲି । ପରମେଶ୍ୱରଙ୍କ ଦୟାରୁ ପୌଷର ଝରାପତ୍ର ଭଳି ଶବ୍ଦଗୁଡ଼ିକ ବିଛେଇ ହୋଇପଡିଲା ଏବଂ ମୁଁ ପରମ ଆତ୍ମତୃପ୍ତିରେ ନିଶ୍ୱାସ ମାରିଲି ।

ତା ' ପରେ ଆରମ୍ଭ ହେଲା ଗପ ଲେଖା । କିଛି ସ୍ମୃତି, ଅନୁଭୂତି ଓ କିଛି ମନଗଢ଼ା ବିଷୟ ନେଇ ପୃଷ୍ଠା ପରେ ପୃଷ୍ଠା ଯୋଡି ହୋଇଯାଉଥାଏ ମୋ ନୋଟବୁକରେ । କେମିତି କେଜାଣି ଆପଣା ଛାଏଁ ଲେଖିଗଲି ପାଞ୍ଚ-ଛଅ ଫରଦ ଏକା ଥରକେ । ଆଜି ପାଇଁ ବହୁତ ହୋଇଗଲା ଭାବି ମନକୁ ବୁଝେଇଦେଇ ସେଦିନର ଲେଖା ସେଇଠି ବନ୍ଦ କଲି । ସେଦିନ ପରେ ବ୍ୟସ୍ତ ରହିଗଲି ଅନ୍ୟାନ୍ୟ କାମରେ ଆଉ ଲେଖିବାକୁ ସୁଯୋଗ ପାଇଲି ନାହିଁ । ହେଲେ ଜମା ଭୁଲି ନ ଥିଲି କାହାଣୀଟି ଏବେ ଯାଏଁ ଶେଷ ହୋଇନି ବୋଲି । ଗୋଟିଏ ରବିବାର ଦିନ ନିଷ୍ପତ୍ତି ନେଲି ଯେ ' ଆଜି ଯେମିତି ହଉ ଗପଟିକୁ ସାରିବି ' । ଚଞ୍ଚଳ ସବୁ କାମ ସାରି ବସିପଡିଲି କାହାଣୀକୁ ସରିବା ପାଇଁ । ଆଶ୍ଚର୍ଯ୍ୟ ! ପୁଣି ସେଇ ଅବସ୍ଥା, ଗୁଡ଼ାଏ ଭାବନା ଶବ୍ଦରେ ଛନ୍ଦି ହୋଇ ପୂର୍ବବତ୍ କାଗଜ ଉପରେ ଅଜାଡି ହୋଇ ପଡିଲେ ।

ଏବେ କାହାଣୀଟିକୁ ସାରିବା ମୋ ପଦ୍ଧେ କଷ୍ଟକର ହେବାକୁ ଲାଗିଲା । ଯେତେ ଚାହିଁଲି ଏଇଠି କାହାଣୀର ଶେଷ ବା ଉପସଂହାର କରିବି, ସେତେ ନୂଆ ନୂଆ କଥା ମନକୁ ଆସୁଥାଏ । ଏବେ ଅନୁଭବ କରିପାରୁଥିଲି ବାସ୍ତବରେ 'ଶେଷ ' ବା 'ଉପସଂହାର 'ର ସଜ୍ଞା କେତେ ଗଭୀର ! ଗୋଟିଏ କାହାଣୀର ଉପସଂହାର ଆହୁରି କେତେ ନୂତନ କାହାଣୀର ଆରମ୍ଭ ପାଇଁ ପଥ ମେଲି ଦେଉଥିଲା । ଶେଷରେ ଅତ୍ୟନ୍ତ ଅସନ୍ତୋଷ ଓ କୌତୁହଳ ଶୂନ୍ୟ ହୋଇ କାହାଣୀଟିକୁ ସେଇଠି ସାରିବାର ପ୍ରୟାସ କଲି ।

*ଫୋନ - ୬୩୭୦୫୧୬୪୭୮*
*ଭୁବନେଶ୍ୱର*

## ଆମେ ଗୋଟିଏ ପରିବାର



**ବିଜୟ କୁମାର ଛାଟୋଇ**

ରାମକରିମ୍ ବୋଲି ଗାଆଁଟିଏ । ସେଇ ଗାଆଁରେ ଦୁଇଟି ପରିବାର ରହନ୍ତି । ମିଶ୍ର ବାବୁ ଓ କରିମ୍ ବାବୁଙ୍କ ପରିବାର । ମାତ୍ର ଏଇ ଦୁଇପରିବାର ଆଜି ଗାଆଁ ହୋଇ ଛିଡ଼ା ହୋଇଛି । ଏମାନଙ୍କ ଭିତରେ ବେଶି କିଛି ଫରକ ନ ଥାଏ । ଛୋଟିଆ ଗାଆଁଟିଏ ସିନା ଏ ପରିବାରରେ ଗଢିଉଠିଥିବା ଭାଇଚାରାକୁ ପାଖଆଖର ଲୋକେ ଝୁରିହୁଅନ୍ତି । ସେମାନଙ୍କର ଏକତା ଓ ଶାନ୍ତି କାହିଁ କେତେକାଳର । ଉଭୟ ପରିବାର ମଧ୍ୟରେ ବାଦ କି ବିବାଦ ନ ଥାଏ । ନିଜନିଜର କାମଧନ୍ଦା ଛଡ଼ା କୌଣସି ଅଯଥା କାମରେ ମନ ଦେଉନଥିଲେ ଏମାନେ । ତେଣୁ ନିଜନିଜର ବେଉସା କରି ସ୍ୱଚ୍ଛନ୍ଦରେ ଚଳିଯାଆନ୍ତି । ସମାଜରେ ବହୁ ଆଗରୁ ଜାତିଧର୍ମ ଆଦିପ୍ରଥା ତିଆରି ହୋଇଥିଲେ ବି ଏଇ ପରିବାରରେ ସେସବୁ କିଛି ପ୍ରଭାବ ପଡ଼ି ନଥାଏ ।

ଏବେ ସେହି ଦୁଇ ପରିବାରର ଲୋକ ସଂଖ୍ୟା ବଢ଼ିବଢ଼ି ବଡ଼ଗାଆଁ ହୋଇ ଠିଆହୋଇଛି । ସମସ୍ତେ ସେହି ଗାଆଁକୁ ରାମକରିମ୍ ଗାଆଁ ବୋଲି ଡାକନ୍ତି । ରାଜାରାଜୁଡ଼ା ଶାସନ ଚାଲିଥିବାରୁ ସଭିଏଁ ଏକମନରେ ଚଳନ୍ତି । ରାଜା ଭଗବାନଙ୍କର ସ୍ୱରୂପ । ଏହା ସମସ୍ତଙ୍କର ବିଶ୍ୱାସ । କେତେଦିନ ପରେ ବିଦେଶୀମାନେ ଦେଶକୁ ବେପାରବଣିଜ ଲୋଭରେ ଆସିଲେ । ବେପାର କରୁକରୁ ଲୋକଙ୍କ ସରଳତାର ସୁଯୋଗ ନେଲେ । ଫଳରେ ଏ ଦୁଇବିରାଟ ପରିବାର କପଟି ବିଦେଶୀଙ୍କର ଶିକାର ହେଲେ । ଲୋକଙ୍କ ମନରେ ଜାତିଭେଦର ପାପ ଚିନ୍ତା ବିଦେଶୀଏ ପ୍ରବେଶ କଲାରୁ ଏଇ ପବିତ୍ର ମାଟିରେ ଲୋକଙ୍କର ଏକତା ଭଙ୍ଗ ହୋଇଗଲା । ତଥାପି ଭାଇଚାରା ପୂର୍ବପରି ସ୍ଥିର ଥିବାରୁ ଆପଣାର କିଛି ଲୋକେ ଅହଂକାରରେ ଜଳୁଥାଆନ୍ତି ।

ମିଶ୍ରବାବୁ ଓ କରିମ୍ ବାବୁ ଉଭୟେ ଥିଲେ ଜଣେ ଜଣେ ଭଲ ମଣିଷ ଓ ଦେବତା ପରି ଲୋକ । ଥରେ ଏକୁଟିଆରେ ଏଦୁହେଁ ବସି ଚିନ୍ତାକରୁଥାଆନ୍ତି ଆମେ ସଭିଏଁ ଭଗବାନଙ୍କର ପ୍ରତିରୂପ ଓ ପ୍ରକୃତିମାଆର ସନ୍ତାନ । ତାରି କୋଳରେ ଆମ ସଭିଙ୍କର ଜନ୍ମ । ହୁଏତ ଗୋଟିଏ ସୁନ୍ଦର ସମାଜ ଗଠନ ପାଇଁ ବିଭାଗ ବାଣ୍ଟିଥିବେ ଆମ ପୂର୍ବପୁରୁଷମାନେ । କିନ୍ତୁ ପରସ୍ପର ପ୍ରତି ଆଦର ଓ ସମ୍ମାନରେ ଆଣୀ ଊଣା ନ ଥିଲା । କେତେକ ଲୋଭୀ ମଣିଷ ଓ ବିଦେଶୀ ବଣିକମାନେ ଛୁଆଁ ଅଛୁଆଁ ଓ ଜାତିଭେଦର ହୀନମନାକୁ ମୂଳକରି ମଣିଷ ଭିତରେ ଭାଗ ବଣ୍ଟାକୁ ସୁଦୃଢ଼ କଲେ । ଆମର ଶାସ୍ତ୍ର ଓ ପୁରାଣକୁ ବିକୃତି କରାଇ ଆମଭିତରେ ଥିବା ଭାଇଚାରାକୁ ମଉଳାଇଦେଲେ । ସଭିଏଁ ଭାଗଭାଗ ହୋଇଗଲେ । ଧର୍ମର ଅର୍ଥକୁ ବୁଝି ନ ପାରି ଧର୍ମର ଭିନ୍ନ ଅର୍ଥ କଲେ । ଧର୍ମକୁ ଛଳନା ରୂପକ ଅସ୍ତ୍ର ବା ଚିହ୍ନ କରି ସରଳ ବିଶ୍ୱାସୀଲୋକଙ୍କ ମଧ୍ୟରେ ବାଡ ବସାଇଲେ । ଲୋକେ ମଧ୍ଯ ବିଶ୍ୱାସରେ ସେଦିଗ ଆଡକୁ ଢଳିପଡ଼ିଲେ । ଜାତି ଓ ଧର୍ମର ମହତ କଥାକୁ ବୁଝୁ ନ ଥିବା କିଛି କପଟୀ ମଣିଷ ସରଳ ଲୋକଙ୍କର ପଥପ୍ରଦର୍ଶକ ଓ ମଙ୍ଗୁଆଳ ସାଜି ସମାଜରେ କେତେଯେ ଗୋଷ୍ଠୀ କେତେଯେ ଜାତି ତିଆରି , କନ୍ଦଳ ଆରମ୍ଭକରନ୍ତି । ସେସବୁକୁ ମନେପକାଇ ଉଭୟେ ମିଶ୍ରବାବୁ ଓ କରିମ୍ ବାବୁଙ୍କ ଆଖିରୁ ଆପେଆପେ ଧାରଧାର ଲୁହ ଝରିଆସୁଥିଲା ।

ଏବେ ତ ଗଣତନ୍ତ୍ର ଶାସନ ଚାଲିଛି । ପଦପଦବୀର ମୋହରେ ବଶ ହୋଇ ନିଜସ୍ୱାର୍ଥପାଇଁ କେତେଯେ ଯୋଜନା ଓ ତରିକା ଆପଣାଉଛନ୍ତି ଏ ନେତାମାନେ । ସରଳଲୋକଟି କାହିଁକି ବା ନେତାଙ୍କ ଭିତିରି କଥାରେ ମୁଣ୍ଡ ପୁରାଇବ । ନିଜର ଘର୍ଷଣ ଯଦି କୌଣସି ମତେ ଚଳିଗଲା ତାର ସେଥିରେ ଭାରି ଆନନ୍ଦ । ନିର୍ବାଚିତଲୋକେ ଲୋଭ କରି ଆସନକୁ ସବୁଦିନ ପାଇଁ ମାଡିବସିବାକୁ ଚେଷ୍ଟା କରନ୍ତି । ଭୋଟରଙ୍କ ଭିତରେ ଜାତି-ଧର୍ମ ଭିତ୍ତିକ ବାଡକୁ ସୁଦୃଢ଼ କରାଇ ହୀନ ରାଜନୀତି କରିବାରୁ ମଣିଷ ଜାତି ଆଜି ବିପଦରେ ପଡିଛି । ସବୁଦିନ ମାରହାଣରେ ସମୟ ବିତୁଛି । ଉଚ୍ଚନୀଚ୍ଚ ଭେଦଭାବ ସମାଜରୁ କମିବାର ନାଁ ନେଉନି । ସେସବୁ କାରଣରୁ ମିଶ୍ରବାବୁ ଓ କରିମ୍ ବାବୁଙ୍କର ଆଦର୍ଶ ପରିବାର ଏବେ ଦୁଇଫାଳ ହୋଇଯାଇଛି । କେହି କାହାକଥାରେ ଆଉ ନାହାଁନ୍ତି । ସେଇ ଦୁଇଜଣ ମୁରବୀ ଆରପାରିକୁ ପଳାଇଥାନ୍ତି । ଏବେ ଏ ଦୁଇ ପରିବାର ହିନ୍ଦୁ ଓ ମୁସଲମାନ ନାମରେ ଅଲଗା ଅଲଗା ହୋଇ ବସବାସ କରୁଛନ୍ତି । ପରସ୍ପର ଭିତରେ ମାରହାଣ ଚାଲାଉଛନ୍ତି । ଯୁବଗୋଷ୍ଠୀ ଯେତେ ପାଠ ପଢ଼ି ଉଚ୍ଚଶିକ୍ଷିତ ହେଲେ ଲାଭକିଛି ନାହିଁ । ସେମାନେ ବି ପାଠପଢ଼ାରେ କୋହଳ କରି ସରକାରଙ୍କ ସଂର।ଣର ଫାଇଦା ଉଠାଇବା ଆଳରେ ଜାତି ଓ ଗୋଷ୍ଠୀରେ ରହିବାକୁ ବାଧ୍ଯ ହେଉଛନ୍ତି । ଏମାନେ ସତକଥାଟିକୁ ହୃଦୟଙ୍ଗମ କରୁଥିଲେ ବି ମୁକ ହେବାର ଅଭିନୟ କରନ୍ତି । ଏହି ସବୁ ଘଟଣାରେ କୁନିକୁନି ପିଲାମାନେ ବହୁତ ଆକ୍ରାନ୍ତ ହେଉଛନ୍ତି ମଧ୍ୟ । ବଡ଼ଚାକିରୀ କରି ଦରମା ପାଇ ଆନନ୍ଦରେ ରହିବାକୁ ସୁଖ ବୋଲି ଭାବିବାକୁ ପ୍ରକୃତ ସୁଖ କୁହାଯାଇପାରେନା । ସମାଜ ଓ ରାଷ୍ଟ୍ର ଗଠନରେ ଆମେ ଆମର ଭୂମିକାକୁ ଭୁଲିଯାଇ ନିଜ ସ୍ୱାର୍ଥରେ ମାତିଛୁ । ଦେଶ ଓ ବିଶ୍ୱର ଜାତୀୟତା ଧୂଳିସାତ୍ ହେବାକୁ ବସିଛି । ମଣିଷ ସଭ୍ୟତା ତିଷ୍ଠି ରହିବ ବୋଲି ଆମେ କହିବା ଅସମ୍ଭବ । 'ସଭିଏଁ ଆମେ ଗୋଟିଏ ପରିବାର ଓ ଆମେ ବିଶ୍ୱ ମାତାଙ୍କର ସନ୍ତାନ ' ବୋଲି ଆମର ଧାରଣା ହେଲେ ଜାଣିବା ଯେ ଜୀବନରେ ପ୍ରକୃତ ଆନନ୍ଦ ଲାଭ ହୋଇଛି ।

*ସଂପାଦକ, ପ୍ରଚାରକ ଅନନ୍ତ ମିଶ୍ର*
*ସ୍ମୃତି ପରିଷଦ ଓଡ଼ିଶା*
*ସତ୍ୟବାଦୀ,*
*ଚଳମାନ-୭୮୫୨୯୭୨୧୨୦*

## ବନ ଫୁଲ

*କବିରତ୍ନ ନୂତନ କୁମାର ବେହେରା*

ବନ ଫୁଲ ଗହନ ବନର
ନିକାଞ୍ଚନେ ଫୁଟି
ରୂପ ରଙ୍ଗ ବାସରେ ଉଠେ ଚହଟି
ମହକ ତାର ମହକେ ସାରା ମୂଳକେ
ଆତ୍ମବିଭୋରରେ ମନ
ନାଚେନା କାହାରି
ଛନ୍ଦମୟ ହୋଇ ପ୍ରାଣର ପୁଲକେ
ଦେଖନ୍ତି ନାହିଁ ତା'ର ରୂପ ଲାବଣ୍ୟ
କି ତା' ସୁବାସ କରି ପାରନ୍ତିନି ଆଘ୍ରାଣ
ଅଦେଖା ଅଜଣା ଆଖିରେ ସେ ନଗଣ୍ୟ
ବୁଝେ ନାହିଁ କେହି ତାର ମନ ବେଦନା
ଅପହଞ୍ଚର ସେ ଦୁର୍ଗମ ଘନ ଅରଣ୍ୟ
ଯେଉଁଠି ଫୁଟେ ସେଇଠି ମଉଳେ
ଶୋଭା ବଢୁ ଯେତେ
ଗଛଲତାର ଡାଳେ
ସେ ଫୁଲରୁ ମହୁମାଛି ମହୁ ନିଏ ଶୋଷି
ମହୁଫେଣାଟିଏ କରି ସେ ମକ୍ଷି
ଗୁଣୁ ଗୁଣୁ ଗାଇ ଉଡ଼ି ବୁଲେ ହସି ହସି
ମଧୁ ସବୁ ରଖିଥାଏ ସାଇତି
ଯା' ଲାଗି ସେ ଘାତକର ନିକଟେ
ଅକସ୍ମାତେ ଦେଇଥାଏ ତାର ଆତ୍ମାହୁତି
ପାଇ ସେ ମଧୁ ଉପକୃତ
ହୁଏ ମାନବ ଜାତି
ଉତ୍ସର୍ଗୀକୃତ ବଳିଦାନର ମୂଲ୍ୟ ତାର
ବୁଝେନା କେହି ଦିଏ ନାହିଁ ପ୍ରତିଦାନ
ବନଫୁଲ ଆଉ ମହୁମାଛିର
ମହାନ ତ୍ୟାଗ
ଭୁଲି ଯା'ନ୍ତି ଜୀବନକୁ କରି ଉପଭୋଗ
ନେପଥ୍ୟରେ ରହେ ତାଙ୍କ ପରିଚୟ
ବନଫୁଲର କି ଉଦାର ହୃଦୟ !

*କୋହି,ବାରିପଦା,ମୟୂରଭଞ୍ଜ ।*
*ମୋ.ନଂ.୮୦୧୮୩୫୩୩୨୨*

## ରେ ଜହ୍ନ

*ଉତ୍କଳ ରତ୍ନ କବି କେଶବ ଚନ୍ଦ୍ର ନାୟକ*



ରେ ଜହ୍ନ କହରେ ସତ
ପାଇବାକୁ ହୁଏ ଇଛା
ମୋର ଛୋଟିଆ ହାତ
ବଢାଲେ ପହଞ୍ଚୁ ନି ଆକାଶ ଛାତ.... ! !
ପୂନେଇରେ ଜହ୍ନ ଦିଶେ ରୂପାର ଥାଳି
ଜନନୀ ଦେଖାଏ କଲେ ଅଳି ଅରଦ୍ଦଳି
କାଖେଇ ଖୁଆଏ ଭାତ ତତେ ଦେଖାଇ
ଆ ଜହ୍ନ ମାମୁ ବୋଲି
ଡାକ ପକାଇ.... ! !
ତତେ ଦେଖି ଦେଖି ଜହ୍ନ ହେଲି ଯୁବକ
ତୋ ସାଥୀରେ ପ୍ରେମ
କରି ହେଲି ଭାବୁକ
ତତେ ଦେଖି ଗଡିଆରେ ଫୁଟଇ କଇଁ
ତୋ ଶୀତଳ ଜ୍ୟୋତ୍ସ୍ନା ପଡି
ଶିହରେ ମୁହିଁ.... ! !
ଜହ୍ନରେ ତୁ ଯଉବନେ ପ୍ରେମ ପ୍ରତୀକ
ମିଳନର ମଧୁ ରାତି ସୁଖ ଦାୟକ
ଚନ୍ଦ୍ର ପରି ନାୟିକାର ମୁଖ ମଣ୍ଡଳ
ଚନ୍ଦ୍ରବଦନୀ ରୂପରେ
କରେ ବିହ୍ୱଳ...... ! !
ବୟସର ଅପରାହ୍ନେ ଦ୍ୱିତୀୟା ଜହ୍ନ
ଛାଇ ଆଲୁଅର ଖେଳ ଏହି ଜୀବନ
ଜନମ ମରଣ ମର୍ତ୍ତ୍ୟେ ଲାଗିଛି ଲୀଳା
ଆସି କେବେ ଅମାବାସ୍ୟା ଅନ୍ଧାର
କଲା.... ! !

*(ସଭାପତି,ଉତ୍କଳ ସାହିତ୍ୟ*
*ସଂସଦ,ମାଲକାନଗିରି)*
*ମୋନଂ:୯୪୩୭୭୭୯୪୪୭*

## ବର୍ଷା

*ସୁରେନ୍ଦ୍ର ନାଥ ସାହୁ*




କୃଷକ ତୁହାକୁ ତୁହା ଝରୁଥିବା ଝାଳର
କଲ୍ୟାଣକାରୀ ଝରଣାଟିଏ ।
ସେ ବଞ୍ଜର ଭୂଇଁ ବକ୍ଷକୁ
କଠିନ ଶ୍ରମ ବଳରେ ବିଦାରି
ଉର୍ବରା ବନାଇଦିଏ ।
ସେ ଦେହାଧି ଅନ୍ନଦେବ
ନିଜ ଶରୀର ରକତକୁ ନିଜ ହାତେ ଦୁହିଁ
ମାଟିରେ ସିଞ୍ଚନକରେ
ଖେତକୁ ହସାଏ
ନାନାଦି ଶସ୍ୟ ଉପୁଜାଏ ।
ହେଲେ ସେ ବେଳେ ବେଳେ
ଅପାର ଅସହ୍ୟ ଭୋକ ଉପାସରେ
ଭାଗ୍ୟ ଆଦରି ଶୋଇଯାଏ ।
ତା'ଧୈର୍ଯ୍ୟ ତାକୁ କାଟି ଖୁଣ୍ଟି ଖାଏ
ତା'ସହନ ତାକୁ
ବାଣ୍ଟିକୁଟି ଦଳି ଚକଟିପକାଏ
ତଥାପି ତା'ସପନ ଲଙ୍ଗଳ କଣ୍ଟି ମୁଠା
ଅଭାବୀ ଭାତ ହାଣ୍ଡିରେ
ନିଇତି ଦହଗଞ୍ଜ ହୋଇ
ଅତୁଟ ଆଶାରେ ଚହଲୁଥାଏ ।
ଦୁରଦ୍ଦଶାର ଅଭାବନୀୟ ଗ୍ରହଣ
ଚିରଞ୍ଜୀବୀ ତା'ଭାଗ୍ୟରେ
ସୁଖ ସୌଭାଗ୍ୟ କେବେ
ମାଡେ ନାହିଁ ତା'ଦୁଆରେ
ପିଡା ପତନର ନିଦ୍ଦୟୀ ଘୋରଣା
ତାକୁ ପେଷି ପେଷି ମାରୁଥାଏ ।
ଭରଷା ଆଉ ବିଶ୍ୱାସର ଶ୍ରମ
କାମ ନକରିଲେ
ଆତ୍ମ ହତ୍ୟା କରେ
ବେଳେ ବେଳେ ମରୁ ମରୁ ବଞ୍ଚିଯାଏ ତ
ଆଉ ସବୁ ବେଳେ ମରି ମରି ବଞ୍ଚି ରହେ ।
ତା'ଜୀବନ
ବନ୍ଧୁର ସର୍ପିଳ ରାସ୍ତାର ପଥର
ତାକୁ କ୍ଷତ ବିକ୍ଷତ କରେ ବାରମ୍ବାର
ଯନ୍ତ୍ରଣା ଅସହ୍ୟ ହେଲେ
ହୃଦୟକୁ ଫଟାଇ କରେ ଚିତ୍କାର
ଖବର କଗଜର ପୁଳିନ୍ଦା ସଜେ
ଗଣମାଧ୍ୟମ ତାଳଦେଇ ଗୁରାଲେ
ହେଲେ ତା'ଜୀଅନ୍ତା ଶବକୁ
ଅଭାବନୀୟ ଜଳନ୍ତା ଯୁଇରେ ସୁଆଇଦେଇ
ରାଜନୀତିର ରୋଟି
ଭଲଭାବେ ସେକାଯାଏ ।
ପଲ୍ଲୀରୁ ଦିଲ୍ଲୀ ପହଞ୍ଚି ତା ବୁକୁଫଟା କୁହାଟ
ଦିବା ସ୍ୱପ୍ନର ପୁଟୁଳି ନେଇ
ଫେରୁ ଫେରୁ
ସବୁ ଫଳ ଗୁଡାକ ବାଟରେ ହିଁ ହଜିଯାଏ ।
ସେ ସ୍ୱାଭିମାନୀ !
ସମ୍ବେଦନାର ସତ ହକଦାର ସେ
ହେଲେ କେବେ ହାତ ନପତାଏ ।
ସାରା ଜନ ଭୁବନ ତା'ରଣି
ତଥାପି ସରକାରୀ ସ୍ତରରେ
କେଉଁ ଏକ ସଚ୍ଚୋଟ ତନ୍ତ୍ର
କାମ କରୁ ନାହିଁ ଆଜି ଯାଏ ।
କିନ୍ତୁ ସେ ଦିନ ଭାରତ ହସିବ
ଯେଉଁଦିନ 'ଜୟ କିଷାନ୍' ଘୋଷର ନୁହେଁ
କୃଷକର ଜୟ ହେବ ବାସ୍ତବରେ ।
ଆଉ କୃଷି କର୍ମକୁ
ସର୍ବ ଶ୍ରେଷ୍ଠ କର୍ମର ମାନ୍ୟତା
ମିଳି ପାରିବ ଯେତେ ବେଳେ ।

*କଳମ୍ବ(ଡିହସାହି)*
*ପୋଲସରା,ଗଞ୍ଜାମ*
*ମୋ.ନଂ:-୮୧୨୮୯୧୯୨୫୬ ।*

## ଏଇତ ଦୁନିଆ

*ଇଂ. ବିଦ୍ୟାଧର ପଣ୍ଡା*



ଏଇତ ଦୁନିଆ,
ଏଠି ସମସ୍ତେ କ୍ଷତାକ୍ତ
ଅକ୍ଷତ ଜଣକୁ ଖୋଜିବା ସମ୍ଭବନୁହେଁ
ବାହାଘରଟା ଧୂମ୍‌ଧାମ୍‌ରେ ସରିଥିଲା
ଯୋଗାଡ ଯନ୍ତ୍ରରେ ସବୁ
ଛୁଟି ଶେଷ
ଦଶ ମଙ୍ଗଳା ଦିନ ଡକରା ଆସିଗଲା
ଫେରିବା ପ୍ରସ୍ତୁତିହେଲା
ଚେନ୍ନାଇସହର
କରମଣ୍ଡଳ ରେଳ
ଏକମାତ୍ର ସାହାରା
ନବବଧୂର ତତଲା ଲୁହ ପୋଛିଦେଇ
ଏକମୁହାଁ ଦୂରଯାତ୍ରା ଅନୁକୂଳ
କରିଥିଲି
ଶୁକ୍ରବାର ତ ସବୁଯାତ୍ରା ଶୁଭ
ହୋଇଥାଏ
କିନ୍ତୁ ସେ ବାହାନଗାରେ
କ'ଣ ହେଲା !
ହଠାତ୍ ମୋ ମୁଣ୍ଡଟା
କାନ୍ଧରୁ କଟିଗଲା
ଆତ୍ମାଟି ଅଶରୀରି ହୋଇ
ସେଠି ଦେଖୁଛି
ଅନେକଙ୍କର ମୁଣ୍ଡଗଣ୍ଡିହାତ
ଗୋଡ ଅଲଗା
କଅଁଳଛୁଆ ଗୁଡା ଏଣେତେଣେ
ପଡିଛନ୍ତି
ଦେଖୁଦେଖୁ ଗାଁ ଲୋକରେ
ଜାଗାଟି ଭର୍ତି
କିଏ ମୃତକଙ୍କର ବେକସାରା
ଅଣ୍ଡାଳୁଛି
ତ ଆଉକିଏ ଭଙ୍ଗା
ଆଙ୍ଗୁଠିରୁ ମୁଦି କାଢୁଛି
ପାଖରେ ଜଣେ ଶରବିଦ୍ଧ
ପକ୍ଷୀଟିଏ ପରି
ରକ୍ତ ଜୁଡୁବୁଡୁ, କଷ୍ଟରେ
ଚିତ୍କାର କରୁଛି
ଏବେ ସେ ଚିତ୍କାରଗୁଡା
କିଛିକାହାକୁ ଶୁଭୁନି
ପର୍ସ ସୁନା କଂଚାମାଲ୍ ଗୋଟେଇବାର
ବେଳ
ନାବାଳିକାଟି ବିକଳହୋଇ
ସାହାଯ୍ୟ ଋହିଁଛି
ସମାଜସେବୀ ହାରନେଇ
ଋଲିଗଲା ବେଳେ
କହୁଛି ଏ ହାରଟା ସୁନା ନୁହେଁ,
ରୋଲ୍‌ଗୋଲ୍
ହାତଭାଙ୍ଗି ନଡନଡ ଯୋଗୁଁ
ବାରଣ କରୁନି
ଏସବୁ ଦେଖିବା ଭିତରେ ସେମୁହଁ ବି
ଦିଶିଲାଣି
କାନ୍ଦିକାନ୍ଦି ଅବସ୍ଥା ନାହିଁ, ଶବଭିତରେ
ଖୋଜୁଛି
ଚିହ୍ନିବ କେମିତି ! ଶହଶହ ମୁଣ୍ଡଗଣ୍ଡି
ତ ଅଲଗା
ବାସର ରାତି କେବଳ ଛଦିନ ହେଲା
ଯାଇଛି
ଦଶଲକ୍ଷ ଟଙ୍କା ନେଇ ସିଏ ବା କ'ଣ
କରିବ
ତା ପଛେପଛେ ମୋର ସମସ୍ତ
ଆତ୍ମୀୟଙ୍କ ରଡି
ଆତ୍ମା କହୁଛି -ସତରେ କ'ଣ ଏଇଟା
ହିଁ ଦୁନିଆ ।

*ଏମ୍ ଟେକ୍, ଏଲ୍‌ଏଲ୍. ବି*
*ପଂଚଶଖା ନଗର, ଡୁମୁଡୁମା,*
*ଭୁବନେଶ୍ୱର-୧୯*
*ମୋ-୯୪୩୯୧୨୮୦୫୦*

## ଖରାତ ହେବ ହିଁ ହେବ

*ଡୁଇଟ ଡେଭିଡ ଫିଲିପ୍*



ବାସନା ମାଟର,
ଅପେକ୍ଷିତ ବର୍ଷାରେ ନାକକୁ
ମହ ମହ ଚହଟ,
ନିଆଁର ଧୂଆଁ ଓ ପାଣିର ବାମ୍ଫ,
ବର୍ଷା ପର ପବନରେ ଆବୁ
ଟାବୁ ନିଶ୍ଚେ ହେବ,
ଖରା ଭଲ ଲାଗୁନି ପ୍ରେମିକା କହେ,
ତେବେ ମୁଁ କହେଁ, ଖରା, କାହିଁକି ବର୍ଷା
ଓ ଶୀତର ଅଙ୍ଗ ମଧରେ ?
ମିଳନର ବାସ୍ନା ଭଲ,
ବର୍ଷା ଓ ଶୀତକୁ ସାଙ୍ଗ ମାନେ
କେବେ ନଭୂଲିବ ।
ସମୟ ବାଛିଛ,
ଖରାତ ହେବ ହିଁ ହେବ !

*ଭବାନୀପାଟଣା, କଳାହାଣ୍ଡି*
*ମୋ:୯୪୩୭୧୦୪୩୦୩*

## କେବେ ଆସ

*ଜଗଦୀଶ ପଣ୍ଡା*



କେବେ ଆସ ମୋ କବିତାର
ଶେଷ ଧାଡିଟେ ହବ
ମୋ ରଫ୍ ଖାତା ଶେଷ ପୃଷ୍ଠାର
ଦୁଷ୍ଟ ପିଲାଳିଆମିଟେ ହବ...
ଆସ କେବେ
ଏଇ ଚିକ୍ ଚିକ୍ ଆକାଶ ତଳେ
ମତେ ଛୁଇଁ ହାଉଲେ ବହୁଥିବା
ପବନଟେ ହବ...
କେବେ ଆସ
ସେ ଭିଡ଼ ରାସ୍ତାରେ
ମୋ ପାଇଁ ଏକାନ୍ତ ସଞ୍ଜଟେ ହବ
ଆସ କେବେ...
ଏ ସାଇତା କଥା ସବୁରେ
ଜୀବନ ଭରିଦେବ...
କେବେ ଆସ...
ପୁରୁଣା ସ୍ମୃତିରେ
ଶୁଖିଲା ଓଠରେ ହସଟେ ହବ
ଆସ କେବେ...
ମହକ ଭରା ଫୁଲ ରୂପେ
ବାସ୍ନା ବିହୀନ ମନେ ବାସ୍ନଟେ ହବ...
କେବେ ଆସ...
ଭିଜା ଭିଜା ବର୍ଷାରେ
ମରୁଡ଼ି ହୃଦୟେ ସଞ୍ଜିବନୀଟେ ହବ
ଆସ କେବେ...
ଅନାବନା ଭାବନାରେ
ଅବାସ୍ତବରେ ବାସ୍ତବଟେ ହବ...

*ଅଲାଡିଗାଁ, ଗଂଜାମ*
*ମୋ:- ୬୩୭୧୨୭୮୧୬୩*

## ହୃଦୟର କଥା

*ରତ୍ନକାନ୍ତି ମିଶ୍ର*



ଐଶ୍ୱର୍ଯ୍ୟର ପ୍ରଲୁବ୍ଧତାରେ
ସୁଖର ଅନ୍ୱେଷଣରେ
ଗୈଡିଥିଲି ଏକ ମୁହାଁ
ଯୋଜନ ଯୋଜନ ଦୂର
ସାତ ସମୁଦ୍ର ତେର ନଈ ଡେଇଁ
ସବୁ କିଛି ସଂପର୍କକୁ କାଟି...
ଏବେ କିନ୍ତୁ ପ୍ରତ୍ୟୟ ହୋଇଛି
ସାମ୍ନାରେ ଦୃଶ୍ୟ ଏବେ ଯାହା
ସବୁ କିଛି ମାୟା ମରୀଚିକା
ପାରିବ ତ, ଫେରିବାକୁ ଦିଅ
ଦେଖିବାକୁ ମନଭରି
ପ୍ରାଣ ପ୍ରାଚୁର୍ଯ୍ୟରେ ଭରା
ସେଇ ମୋର ପ୍ରିୟ ଜନ୍ମମାଟି...
ଛାଡି ଆସିଥିଲି ପରା
ବୈକୁଣ୍ଠ ସମାନ ଘର
ନୈସର୍ଗିକ ନଇକୂଳ ଶୋଭା
ହର୍ଷିତ ସୁନେଲି ଫସଲ, ଅବା
ଲଙ୍ଗଳ ମୁନରେ ଲେଖା
କେରା କେରା ସ୍ୱପ୍ନର ସ୍ୱାକ୍ଷର
ଆଉ କିଛି ଲୋଡା ନାହିଁ ଏବେ
ଶୁଣିବାକୁ ଆତୁର ମୁଁ
ମୋ ବୋଉର ସ୍ନେହ ବୋଳା ଡାକ,
ଲୋଡା ବି ଚିମୁଟେ ଧୂଳି
ମୋ ଗାଆଁ ମାଟିର
କରିବାକୁ ମଥାର ତିଳକ... ! ! !

*ଆଳି, କେନ୍ଦ୍ରାପଡା*

## ସନ୍ଦେହ ନେଲା ପ୍ରାଣ

*ସୁନୀଲ କୁମାର ପ୍ରଧାନ*



ଚୋର ବୋଲି ଭାବି ବିନା କାରଣରେ
ନେଇଗଲେ ଯେ ଜୀବନ
ପୁରୁଷୋତ୍ତମପୁର ଥାନା ଅଧିନ
ଚିଙ୍ଗୁଡ଼ିଘାଇ ସେ ଗ୍ରାମ ।
ବଡ଼ ନୃଶଂସ ଯେ କିଛି ଗାଆଁ ଲୋକ
ସନ୍ଦେହ କରି ମନରେ
ନିରୀହ ଲୋକଟିକୁ ପିଟି ମାରିଲେ
ଫିଙ୍ଗିଦେଲେ ଗାଁ ଶେଷରେ ।
ନିଷ୍ଠୁର ହୃଦୟ ଏମାନଙ୍କ ଅଟେ
ମଣିଷ ନୁହଁନ୍ତି ଭାଇ
ରାକ୍ଷସ ସାଜିଣ ଜୀବନଟା ନେଲେ
ପରିବାର ତା କାନ୍ଦଇ ।
ଆଇନ ଶୃଙ୍ଖଳା ବିପର୍ଯ୍ୟୟ ହୁଏ
ଏମିତି କେତେକ ସ୍ଥାନେ
କଙ୍ଗାରୁକୋର୍ଟ ଗୋଟେ ଖୋଲିଦେଇ
ଅନ୍ୟାୟ କରେ ମଉନେ ।
ଉପଯୁକ୍ତ ଦଣ୍ଡ ଉତ୍ତମ ମଧ୍ୟମ
ଯଦି ଦୋଷୀ ପାଇଯିବ
ଆଇନ ହାତକୁ ନେଲେ ଏହି ଫଳ
ନିଶ୍ଚୟ ଭୋଗ କରିବ ।

*ଝାଟିପଦର,ପାଲୁର,ଗଞ୍ଜାମ*
*ମୋ -୭୬୦୯୯୩୪୩୬୬*

## ଭୁଲିଯିବାର ମୁହୂର୍ତ୍ତ

*ସୁଦର୍ଶନ ମହାପାତ୍ର*



ବାରମ୍ବାର ଭାଙ୍ଗି
ବାରମ୍ବାର ତିଆରି କରିପାରୁଥିବା
ଆକାଶି ଇଛା ଭିତରେ
ମୁଁ କେବଳ ଘୁରି ବୁଲିଲି,
ଅକ୍ଷାଂଶର ବଳୟରେ
ଦ୍ରାଘିମାର ଗତିପଥରେ
କେଜାଣି କେମିତି
ଛନ୍ଦି ହୋଇ ବାଟ ଭୁଲିଗଲି
ସ୍ୱପ୍ନକୁ ବାଟ ଦେଖାଇବାକୁ
ସାରା ଜୀବନ ଉତ୍ସର୍ଗ କଲି
ଶୂନ୍ୟ କପାଳକୁ ସାହା
କେଇ ବୁନ୍ଦା ଦୀର୍ଘଶ୍ୱାସକୁ
ଆପଣେଇ ନେଲି
ଜୀବନ ଯୁଦ୍ଧରେ ପରାଜିତ ହେଲି ସତ
ସ୍ୱାଭିମାନର ଶିରସ୍ତ୍ରାଣକୁ
ନିଜଠୁ ଅଲଗା ରଖିବାକୁ ଭୁଲିଗଲି
ଶେଷରେ ପ୍ରତ୍ୟୟ ହେଲା
କାମନାର ଆଉ ତାତ୍ପର୍ଯ୍ୟ ନାହିଁ
ଜୀବନରେ ସୁଖ ଦୁଃଖ
ମୋହ ମାୟାର ବିକଳ୍ପଟିଏ
ମୋ ସାମ୍ନାରେ ଉଭା ଅଛି ଯାହା
ସବୁ ଗ୍ଲାନିକୁ ସାଉଁଟି
ଆକାଶ କୁ ଫିଙ୍ଗିଦେଲି
ସେସବୁ ବିନ୍ଦୁଟିଏ ହୋଇ
ମହାଶୂନ୍ୟରେ ବିଲୀନ ହେଲା
' ମାମେକଂ ଶରଣଂ...' ଗୁଞ୍ଜରଣରେ
ମୁଁ ବିମୋହିତ ହେଲି
ନିଜର ଅସ୍ତିତ୍ୱ ଭୁଲିଗଲି

*କୁଞ୍ଜବିହାରୀ ଲେନ, କଟକ*

## ମନ ଆକାଶ

*ନିରଞ୍ଜନ ସାହୁ*



ଏହି ମନରେ ଅନେକ ସ୍ୱପ୍ନ
ଅନେକ ପୁଣି ଆଶା
ମନର କଥା ମନରେ ମରେ
ପାଏନା କିନ୍ତୁ ଭାଷା ।

ଇଚ୍ଛା ଅନେକ ଉଙ୍କି ମାରନ୍ତି
ମଉଳିଯାନ୍ତି ପୁଣି
ରଙ୍ଗବେରଙ୍ଗ ବାସନା ଯେତେ
ନ ପାରେ ମନେ ବୁଣି
ବିକୃତ ଲାଗେ ବିଚାର ଧାରା
ଏହି କଥାଟି ଖାସା ।

ବଞ୍ଚିବା ଆଉ ଲାଗେନା ଭଲ
ମରଣ ଠାରେ ହାତ
ସ୍ୱାଦିଷ୍ଟ ଖାଦ୍ୟ ବଢା ହେଲେ ବି
ଉଠେନା ଗୁଣ୍ଡେ ଭାତ
କେତେ ସୁନ୍ଦର ବାସ୍ନା ହେଲେ ବି
ଘ୍ରାଣ କରେନା ନାସା ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ -- ୭୫୯୦୧୬*
*ମୋ :-- ୯୯୩୮୭୪୧୫୮୩*

## ନାରୀ

*ଅକାଙ୍କ୍ଷା ମିଶ୍ର*




ଅନବଦ୍ୟ ସୃଷ୍ଟି ଈଶ୍ୱରଙ୍କର ଗୋ
ତୁମେ ତ ମମତା ମୟୀ
ନାରୀ ରୂପେ ତୁମେ ନାରାୟଣୀ ଅଟ
ଅପରୁପା ଶାନ୍ତି ଦାୟୀ ।
ମହାଶକ୍ତି ତୁମେ କରାଳ କାଳିନୀ
ଚଣ୍ଡୀ ଦୁର୍ଗା କାତ୍ୟାୟିନୀ
କେବେ ତୁମେ ସାଜ ଜନନୀ ଭଗିନୀ
କେବେ ପୁଣି ପ୍ରଣୟିନୀ ।
ତୁମରି ପରଶେ ହସିଉଠେ ଧରା
ହସିଉଠେ ସବୁ ଘର
ତୁମରି ଓଠରୁ ଝରିପଡେ ସୁଧା
ସର୍ବଶକ୍ତିମୟୀ ପରା ।
ବାଣ୍ଟୁଥାଅ ସଦା ମମତା ପିୟୁଷ
ନିନ୍ଦା ଅପବାଦ ସହି
ପରଶମଣୀ ଗୋ ପରଶେ ତୁମର
ସୁନ୍ଦର ଅଟେ ଏ ମହୀ ।

*ହରିପୁର,ସୁକିନ୍ଦା,*
*ଯାଜପୁର-୭୫୫୦୧୮*
*ମୋ :୮୮୪୭୮୪୯୦୯୩*

## ବ୍ୟବଧାନ

*ସୁଧାକର ରାଉତ*




ଏତେ ସପନ ମୋ ଆଖିରେ ଭରିଲ
ଲୁହ ବି ମାନିଲା ହାର
ସ୍ନେହ,ପ୍ରେମ, ପ୍ରୀତି ହୃଦୟେ ଭରିଲ
ବନ୍ଦ କରି ତାର ଦ୍ୱାର ।
ଅଙ୍କା ବଙ୍କା ପଥକୁ ମୋ ସିଧା କରି
ଚାଲିଲ କଢାଇ ବାଟ
କଣ୍ଟାର ଯନ୍ତ୍ରଣା ହସି ହସି ସହି
ଦୁଃଖ କଲ ପିନ୍ଧା ପାଟ ।
ଅବସାଦ ଯେତେ ତୁମ ପଣତରେ
ବାନ୍ଧିଲ ପକାଇ ଗଣ୍ଠି
କଳଙ୍କ କାଳିମା ମୁହଁରେ ଲେପିଲ
ଦୁର୍ନାମକୁ କଲ କଣ୍ଠି ।
ପୋଛ ପୋଛ ଅବସୋସର ରେଣୁକୁ
କ୍ଷଣକେ ଉଡାଇ ଦେଲ
ସମୟର ପଥ ଓଗାଳି ବସିଲ
ଚାହିଁଲା ସେ ବଲ ବଲ ।
ଆଶା ଆଶଙ୍କାର ଅନ୍ଧାର ଭିତରେ
ଆଲୋକ ଆଶ୍ୱସ୍ତି ଢାଳି
ଜୀବନର କ୍ଷୋଭକୁ ସୁଖେ ପିଇଲ
ଲୁହ କୁ ପକାଇ ବଳି ।
ଅଭିମାନୀ ମନ ତୁମ ପରଶରେ
ଦେଖି ଅମାବାସ୍ୟା ଚାନ୍ଦ
ପ୍ରେମର ବେସୁରା ରାଗିଣୀ ଗାଇଲା
ଅଲିଖିତ କେଉଁ ଛାନ୍ଦ ।
ମେଞ୍ଚା ମେଞ୍ଚା ଗ୍ଲାନି ଯନ୍ତ୍ରଣା ଦଂଶନ
ନୀରବେ ଯାଇଛ ସହି
ସମର୍ପି ନିଜକୁ ଦ୍ୱିଧାହୀନ ଭାବେ
ମନକୁ ନେଇଛ ମୋହି ।
ସମାନ୍ତର ସରଳରେଖା ପରି ମୋ
ଜୀବନ ପଥର ଧାରେ
ବ୍ୟବଧାନ ରଖି ବହିଗଲ ସଦା
ବିଭୋରିତ ମନ ଝୁରେ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ସରେଇ ଘରେ ଏ ରାତି

*ନୃସିଂହ ଷଡ଼ଙ୍ଗୀ*



ଏମିତି ଏମିତି ସରି ଯାଇପାରେ ସୁରେଇଏ ଶୋଷ ମୋର
ସରେଇ ଘରରେ ଘୁଂଗୁର ଘାଗରା ଡାକିପାରେ ବାର ବାର
ସନ୍ଧ୍ୟା ଶୋଇଲେ ସୁସୁରି ମାଡରେ ରାତି ଆସେ ନଇଁ ନଇଁ
କେତେ ଦେବଦାସ ସରେଇ ଘରରେ ପାଲଟେ ଅଚିହ୍ନା ରା

ମଲ୍ଲୀ ମାଳରେ ମହକି ଉଠେ ମୋ ସରେଇର ସାରା ରାତି ,
ଗିଲାସେ ସରାବ ଉଠାଏ ପକାଏ କେତେ ବସନ୍ତର ଛାତି ।
ସଂଜ ନଇଁଲେ ଶୁଖିଲା ଓଠରେ ସରାବ୍ କେ ଢାଳି ଦିଏ ,
ତଳରୁ ତାଲୁପା ତା ଥେଇ , ତା ଥେଇ ନୀରବରେ ନାଚୁଥାଏ ।

ସରାବ ଠାରୁ ତ ତୋ ଆଖି ସରାବ୍ ନିଶାରେ ଜଳେ ଏ ନିଶି ,
ନିଅଣ୍ଟ ପଡେ ମୋ ନିଶାର ନିଉତା ଗଜରା ତୋ ହୁଏ ବାସି ।
ଗୋଟିଏ ହାତରେ ଗିଲାସେ ସରାବ ସାରାରାତି ଉଜାଗର ,
ତୋ ଓଠ ଏ ଓଠ ଚଇତି ଓଠରେ ସରାବ ମୋ ନାରଖାର ।

ବଇଠି ଘରରେ ବଇଠା ଉପରେ ବତୀ ଆସେ ଲିଭି ଲିଭି ,
କେମିତି କାହିଁକି କିଏ ହଜେଇଲା ମୋ ପ୍ରିୟ ସରେଇ ଚାବି ।

*ସଦସ୍ୟ, କାର୍ଯ୍ୟକାରୀ ପରିଷଦ*
*ଓଡ଼ିଶା ସାହିତ୍ୟ ଏକାଡେମୀ,*
*ମୋ-୯୯୩୭୨୨୨୧୨୨*




# ଶିଶୁଙ୍କ ଯତ୍ନ, ସୁରକ୍ଷା ଓ ଅଧିକାର ପାଇଁ 'ଚାଇଲଡ୍ ଫ୍ରେଣ୍ଡଲି ବିଧାୟକ ମଞ୍ଚ' ଗଠନ ନିଷ୍ପତ୍ତି



ବ୍ରହ୍ମପୁର (ପିଏନ୍) : ଶିଶୁମାନଙ୍କର ଯତ୍ନ ନେବା, ସେମାନଙ୍କୁ ସୁରକ୍ଷା ଏବଂ ଅଧିକାର ପ୍ରଦାନ କରିବା ସହିତ ବିକାଶ କ୍ଷେତ୍ରରେ ବିଧାୟକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ 'ଚାଇଲଡ୍ ଫ୍ରେଣ୍ଡଲି ବିଧାୟକ ମଞ୍ଚ' ଗଠନ କରି ଏକ ନୂତନ ଆଇନ ପ୍ରଣୟନ କରିବା ଉପରେ ସ୍ଥାନୀୟ ମାଣ୍ଡିଆପଲ୍ଲୀସ୍ଥିତ ପ୍ରେମ୍ କାର୍ଯ୍ୟାଳୟ ଠାରେ ଓଡ଼ିଶା ଆଦିବାସୀ ମଞ୍ଚର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରେମ୍ ଓ ଏଡୁକୋର ମିଳିତ ଉଦ୍ୟମରେ ଏକ ରାଜ୍ୟସ୍ତରୀୟ ସମାବେଶ ହୋଇଥିଲା। ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହକ ବିଦୁଲତା ହୁଇକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଓଡ଼ିଶା ବିଧାନସଭାର ସାରସକଣା ବିଧାୟକ ଡ଼ା. ଭୁଦାନ ମୁର୍ମୁ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଏନ. ନାରାୟଣ ରାଓ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ଅଧିକାର ଉପରେ ବ୍ୟାପକ ବିଚାର ବିମର୍ଶ କରିଥିଲେ । ବିଧାୟକମାନେ ବିଧାନସଭାରେ ପାରିତ ହୋଇଥିବା ଆଇନକୁ କାର୍ଯ୍ୟକାରୀ କରିବା ପ୍ରଶାସନିକ ଅଧିକାରୀମାନଙ୍କ ଦାୟିତ୍ୱ ଥିଲେ ମଧ ସେମାନେ ଏ ଦିଗରେ ଶିଥିଳତା ଅବଲମ୍ବନ କରୁଥିବାରୁ ଉଦବେଗ ପ୍ରକାଶ କରିଥିଲେ ଏବଂ ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ନେବା ପାଇଁ ଏକ ସମ୍ମିଳିତ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ଏ ସମ୍ପର୍କରେ ସମସ୍ତ ବିଧାୟକଙ୍କୁ ଅବଗତ କରାଯିବା ସହ ଆଗାମୀ ବିଧାନସଭାରେ ଏ ସମ୍ପର୍କରେ ପ୍ରସ୍ତାବ ଅଣାଯିବ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟତଃ ବିଧାୟକମାନେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷକ ଅଭାବ ଓ ସ୍କୁଲଗୁଡ଼ିକ ବନ୍ଦ କରି ଦିଆଯିବା ଫଳରେ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଛି ଏବଂ ଅନଲାଇନ କ୍ଲାସରୁ ବଂଚିତ ୪୫ ହଜାର ଛାତ୍ରଛାତ୍ରୀ ଗତ ମାଟ୍ରିକ ପରୀକ୍ଷା ଦେଇପାରି ନ ଥିଲେ। ୭୫ ବର୍ଷର ସ୍ୱାଧୀନତା ପରେ ମଧ ଆଦିବାସୀ ଅଞ୍ଚଳର ଜନସାଧାରଣ ମୌଳିକ ସୁବିଧାରୁ ବଂଚିତ ହୋଇଛନ୍ତି ବୋଲି କହିଥିଲେ। ପ୍ରେମର ସଭାପତି ଡ଼. ଜାକୋବ ଥୁଣ୍ଡିଲ ସ୍ୱାଗତ ଭାଷଣ ଦେଇ ପ୍ରେମ ଅନୁଷ୍ଠାନ ଗତ ଚାରି ଦଶନ୍ଧି ଧରି ବିଶେଷକରି ଆଦିବାସୀ ଅଧୁଷିତ ଅଞ୍ଚଳରେ କାର୍ଯ୍ୟ କରି ଆସୁଛି। ୩୦ ବର୍ଷ ତଳେ ସ୍ୱର୍ଗତ ବିଡି ଶର୍ମାଙ୍କ ଉଦ୍ୟମରେ ଆଦିବାସୀଙ୍କ ମୌଳିକ ଅଧିକାର ବିଶେଷକରି ପେଶା ଆଇନ କାର୍ଯ୍ୟକାରୀ କରିବା, ଜଙ୍ଗଲ ଜମି ଅଧିକାର, ବହୁ ଭାଷା ଶିକ୍ଷାକୁ ପ୍ରଚଳନ କରିବା ପାଇଁ ଆଦିବାସୀ ମଞ୍ଚ ଗଠନ ହୋଇଥିଲା। ଏ ସମ୍ପର୍କରେ ଲୋକସଭା ଓ ବିଧାନସଭାରେ ଆଇନ ଥିଲେ ମଧ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନଥିବାରୁ ଉଦବେଗ ପ୍ରକାଶ କରିଥିଲେ। ଏଡୁକୋର କଣ୍ଟ୍ରି ଡାଇରେକ୍ଟର ଗୁରୁ ପ୍ରସାଦ ରାଓ ତାଙ୍କ ଭାଷଣରେ ଏହି ସଂସ୍ଥା ୧୪ଟି ଦେଶରେ କାର୍ଯ୍ୟ କରୁଛି। ସମସ୍ତ ଶିଶୁ ଯେପରି ସେମାନଙ୍କ ଅଧିକାରକୁ ସମ୍ପୂର୍ଣ୍ଣ ଭାବେ ଉପଭୋଗ କରିପାରିବେ ଏବଂ ସମ୍ମାନର ସହିତ ଜୀବନ ଯାପନ କରିପାରିବେ ସେ ଦିଗରେ ମଞ୍ଚ ଲଗାତର ଉଦ୍ୟମ ଜାରି ରଖିଛି। ପ୍ରେମ ଭଳି ସଂଗଠନମାନେ ଯେହେତୁ ବହୁ ପୂର୍ବରୁ ଶିଶୁ ସୁରକ୍ଷା, ଶିଶୁ ଅଧିକାର ଉପରେ କାର୍ଯ୍ୟ କରୁଛନ୍ତି ସେଥିପାଇଁ ସେ ପ୍ରେମ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ହଳଧର କାର୍ଯୀ, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଓଡ଼ିଶା କାଜୁ ଉନ୍ନୟନ ନିଗମ ଅଧକ୍ଷ ସୁବାସ ମହାରଣା, ବିଜେପି ଜିଲା ସଭାପତି ବିଭୁତି ଜେନା, ଏଡୁକୋର ପ୍ରୋଜେକ୍ଟ ଡାଇରେକ୍ଟର ସୁକାନ୍ତ କୁମାର ବେହେରା, ବ୍ଲକ ଅଧକ୍ଷ ରଞ୍ଜିତ ଶବର, ପ୍ରେମର ସମ୍ପାଦକ ଚାକୋ ପୁରବାନାନି, ନବୀନର ସମ୍ପାଦକ ରବି ରଥ, ଓଡ଼ିଶା ଆଦିବାସୀ ମଞ୍ଚର ଆବାହକ ଇଡ଼ୋ ମଣ୍ଡଳ, ପ୍ରେମର ରତନ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଧିର କାନ୍ତ ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଧର୍ମପ୍ରାଣ ବ୍ୟକ୍ତିଙ୍କ ସ୍ମୃତିଚାରଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମର ସାମ୍ବାଦିକ ଗିରିଧାରୀ ବେହେରାଙ୍କ ଦିବଂଗତ ବାପା ପରମାନନ୍ଦ ବେହେରାଙ୍କ ସ୍ମୃତିଚାରଣ କରାଯାଇଛି । ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବ୍ଲକ ବିଜେଡ଼ି ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବିଜେଡ଼ି ନେତା ଶରତ ଚନ୍ଦ୍ର ନାୟକ, ଯୁବନେତା ଅକ୍ଷୟ କୁମାର ନାୟକ, ପ୍ରସନ୍ନ କୁମାର ରାଉତ, ନିର୍ମଳ ପ୍ରଧାନ, ନିରଂଜନ ରାଉତ, ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୀତାକାନ୍ତ ସାମଲ, ମାନସ ରଂଜନ ଜେନା, ଅବିନେଶ୍ୱର ଶତପଥୀ, ଅଖିଳ କୁମାର ସ୍ୱାଇଁ, ଅନିଲ କୁମାର ନାୟକ, ସୁବ୍ରତ କୁମାର ଜେନା, ରଶ୍ମିରଂଜନ ରାୟ, ବିନୋଦ ପରିଡ଼ା, ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ବେହେରାଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ । ଏହି ଅବସରରେ ପୁରୀ ଚାରଣ ଗୋଷ୍ଠୀ ପକ୍ଷରୁ ଭଜନ, କିର୍ତନ, ପ୍ରବଚନ ଆଦି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ମୁଖପାତ୍ର ପଣ୍ଡିତ ଗଣେଶ୍ୱର ପରିଡାଙ୍କ ସଭାପତିତ୍ୱରେ ଚାରଣ ଗୋଷ୍ଠୀର ରାଜ୍ୟ ସଂଯୋଜକ ଡ. ଇନ୍ଦ୍ରମଣି ମହାନ୍ତି, ପୁରୀ ଚାରଣ ଗୋଷ୍ଠୀର ଆଞ୍ଚଳିକ ସଂଗଠକ ଶରତ ସ୍ୱାଇଁ, ଚଣ୍ଡିଖୋଲ ମଣ୍ଡଳ ସଂଗଠକ ସୁବାସ କବି, ଗୋପାଳପୁର ଶଖାର ଦଳପତି ପ୍ରଦୀପ ପରମାଣିକ, ଜିଲ୍ଲା ସଂଗଠକ ରବୀନ୍ଦ୍ର ସାହୁ, ପଣ୍ଡିତ କୁଳମଣି ଭାଇ, ବସନ୍ତ ବେହେରା, ଦେବେନ୍ଦ୍ର ରାଉତ ଓ ଭାଲୁଖାଇ ଦଳପତି ଅଶୋକ କୁମାର ରାୟ ସ୍ୱର୍ଗତ ବେହେରାଙ୍କୁ ଜଣେ ଧର୍ମପ୍ରାଣ ବ୍ୟକ୍ତି ବୋଲି କହିଥିଲେ। ଆତ୍ମାର ସଦ୍‌ଗତି ନିମନ୍ତେ ବିଷ୍ଣୁସହସ୍ର ନାମ, ଗୀତାପାଠ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକ ଗିରିଧାରୀ ବେହେରା ଓ ନିରଂଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଧର୍ମଶାଳା ମହାବିଦ୍ୟାଳୟରେ ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଂଟର ଖୋଲିଲା

ଧର୍ମଶାଳା (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ ଠାରୁ ଷ୍ଟଡି ସେଂଟର ଖୋଲାଯିବାକୁ ଅନୁମତି ପ୍ରଦାନ କରାଯାଇଛି। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପତ୍ର ସଂଖ୍ୟା ଓଏସଓୟୁ ୨୮୨୨/ତା-୧୪.୧୦.୨୦୨୨ ଅନୁସାରେ ଏହି ମହାବିଦ୍ୟାଳୟରେ ସ୍ନାତକୋତର (ପିଜି)ରେ ଓଡିଆ ଓ ଇତିହାସ ପାଠ୍ୟକ୍ରମ ରହିବ। ସେହିପରି ସ୍ନାତକ (ୟୁଜି)ରେ ଓଡିଆ, ଇଂରାଜୀ, ସଂସ୍କୃତ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, କମ୍ପୁଟର ଆପ୍ଲିକେସନ, ସାଇବର ସିକ୍ୟୁରିଟିରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ ପାଇଁ ମଂଜୁରୀ ପ୍ରାପ୍ତ ହୋଇଛି। ଏହି ଶିକ୍ଷାରେ ସମସ୍ତ ବର୍ଗର ଛାତ୍ରଛାତ୍ରୀ ମାନେ ଶିକ୍ଷାଲାଭ କରିପାରିବେ। ଏଥିପାଇଁ ଇଚ୍ଛୁକ ଛାତ୍ରଛାତ୍ରୀ ଅନଲାଇନରେ ଆବେଦନ କରିପାରିବେ। ଏନେଇ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ ଥାଉ କି, ମହାବିଦ୍ୟାଳୟ ୪୫ତମ ସ୍ୱନକ୍ଷତ୍ର ସମାରୋହରେ ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗାଦେଇ ଏଠାରେ ମୁକ୍ତ ବିଶ୍ୱବି୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ। ଉପରୋକ୍ତ ପାଠ୍ୟକ୍ରମ ଗୁଡିକରେ ଯୋଗାଦାନ ପୂର୍ବକ ନାମ ଲେଖାଇବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମିଶ୍ର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# ଖୋର୍ଦ୍ଧା ଜିଲ୍ଲାରେ ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଗଠିତ




ଭୁବନେଶ୍ୱର (ପିଏନ୍): ବାଲ୍ୟ ବିବାହକୁ ପ୍ରତିରୋଧ କରିବା, ଗାଁ, ସାହି, ବସ୍ତିରେ ଜନଜାଗରଣ ସୃଷ୍ଟି କରିବା ଓ ମଞ୍ଚ ମାଧ୍ୟମରେ ହାତକୁ ହାତ ମିଳାଇ ବାଲ୍ୟ ବିବାହର କୁପ୍ରଭାବ ଉପରେ ଜନ ସଚେତନତା ନିମନ୍ତେ ସ୍ଥାନୀୟ ରୋଟାରୀ କ୍ଲବ ସଭାକକ୍ଷଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ରଙ୍କ ଅଧକ୍ଷତାରେ ୪୫ଜଣ ଯୁବକ/ ଯୁବତୀଙ୍କୁ ନେଇ ଗଠିତ ହୋଇଛି ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ । ଜିଲ୍ଲା ପ୍ରଶାସନ ଖୋର୍ଦ୍ଧା, ୟୁନିସେଫ, ଆକ୍ସନଏଡ ଓ ସିସଡବ୍ଲୁଡ଼ିଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସଂଗଠିତ ମନୋଭାବ, ବାଲ୍ୟ ବିବାହର କୁ ପ୍ରଭାବ, ଓ ବାଲ୍ୟ ବିବାହକୁ ପ୍ରତିରୋଧ କରିବା ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏଥିରେ ଶିଶୁ ସୁରକ୍ଷା କମିଟିର ମାନସୀ ପ୍ରହି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ସଂଗୀତା ପାଢ଼ୀ, କବିତା ମହାପାତ୍ର ଶିଶୁମାନଙ୍କର ବିକାଶ ଓ ସୁରକ୍ଷାର ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଆକ୍ସନଏଡର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓଡିଶାର ବାଲ୍ୟ ବିବାହର ସ୍ଥିତି ଉପରେ ଆଲୋକପାତ କରିଥିବା ବେଳେ ଆକ୍ସନଏଡ୍‌ର ଶୁଭେନ୍ଦୁ କୁମାର ରାୟ, ବି.ଏନ୍ ଦୁର୍ଗା ବାଲ୍ୟ ବିବାହର ବିଭିନ୍ନ କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ପୃଷ୍ଠଭୂମି ଉପରେ ସିସିଡବ୍ଲୁଡ଼ିର ସମ୍ପାଦକ ସଦାଶିବ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଆକ୍ସନଏଡ୍‌ର ସ୍ୱାତୀ ତନୟା ମିଶ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଓ ପରିଶେଷରେ ଭାସ୍କର ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଯୁବକ/ ଯୁବତୀମାନେ ଦଳଗତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାଗାବାବୁ ମେମୋରିଆଲ୍ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ




ଯାଜପୁର (ପିଏନ୍): ଯାଜପୁରର ବିଶିଷ୍ଟ ସମାଜସେବୀ ହିରଣ୍ୟ କିଶୋର କାନୁନ୍‌ଗୋ (ପାଗା ବାବୁ)ଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀରେ ସ୍ଥାନୀୟ ଦେବୀଦ୍ୱାର ସ୍ଥିତ ମଙ୍ଗଳା ମନ୍ଦିର ଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ପୌରପାଳିକାର ଅଧକ୍ଷା ରଂଜୁଲତା ହୋତା, ଶିକ୍ଷାବିତ କାମେଶ୍ୱର ପଣ୍ଡା, ସ୍ଥାନୀୟ କାଉନସିଲର ସୁରେନ୍ଦ୍ର ରଣା, ମାନବାଧିକାର କର୍ମୀ ଅଭିଜିତ ଦୀକ୍ଷିତ, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଶୁଭ ଉଦ୍‌ଘାଟନ କରିଥିଲେ। ପାଗାବାବୁଙ୍କ ପୁତୁରା ଅମୃତାଙ୍କ ଦାସ, ଓଁକାର ଦାସ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରଂଜନ ମହାନ୍ତି, ଲିପୁନ ପାତ୍ର, ଚନ୍ଦନ ଦୀକ୍ଷିତ, ଶଶାଙ୍କ ଶେଖର ଦାସ, ଶିବଶକ୍ତି ମହାବାବୁ, ରାଜେଶ ପଟ୍ଟନାୟକ, ଉମେଶ ବେହେରା, ସନ୍ତୋଷ ସିଂ, ଉମାକାନ୍ତ ଦତ୍ତ, ସୁବତ୍ର ଦାସ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପରାଗ ଓ ଗ୍ରହଣ ବେଳେ ହେତୁବାଦୀଙ୍କ ବିଧର୍ମୀ କାର୍ଯ୍ୟକୁ ବଳଦେବ ସେନା ଓ ସେବାୟତଙ୍କ ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀୟୁଙ୍କ ସେବାୟତ ଓ ବଳଦେବ ସେନାର ମିଳିତ ସହଯୋଗରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ପାକନୀତି ନିଷିଦ୍ଧ ଥିବାବେଳେ ସର୍ବସମ୍ମୁଖରେ ଆମିଷ ଭୋଜନ କରି ହିନ୍ଦୁ ଧର୍ମକୁ ଉପହାସ କରିବା ଘଟଣାକୁ ନେଇ ଦୃଢ ନିନ୍ଦା କରାଯିବା ସହ ଶ୍ରୀବଳଦେବଜୀୟୁଙ୍କ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ହେତୁବାଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଯଦି ଆଗାମୀ ଦିନରେ ହେତୁବାଦୀମାନେ ଏଭଳି କାର୍ଯ୍ୟ କରନ୍ତି ତେବେ ସେବାୟତ ଓ ବଳଦେବସେନା ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବା ସହ ସେମାନଙ୍କ ବିରୋଧରେ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବାୟତ ନୃସିଂହ ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ, ସୁରେଶ ପତ୍ରୀ, ରବିନ୍ଦ୍ର ସୁଆର, ରଞ୍ଜନ ସୁଆର, ନିରଞ୍ଜନ ସୁଆର, ଧର୍ମଦର୍ଶୀ କର, ପ୍ରମୋଦ କର, ପୁପୁନ ସ୍ୱାଇଁ, ଶଶିକାନ୍ତ ସୁଆର, ମହେଶ୍ୱର ପତ୍ରୀ, ନିରଞ୍ଜନ ମେକାପ, ଗଣେଷ ପତ୍ରୀ, କାର୍ତ୍ତୀକ ସୁଆର, ହରିଚନ୍ଦନ ସୁଆର, ହୃଷିକେଶ ପତ୍ରୀ ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯୋଡ଼ିକୁଅଁ ଠାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯୋଡ଼ିକୁଅଁ ସ୍ଥିତ ଲକ୍ଷ୍ମୀନାରାୟଣ ପୂଜା କମିଟି ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଶିକ୍ଷାବିତ ଭରତ ନାୟକ, ଧନଞ୍ଜୟ ନାୟକ, ଧନଞ୍ଜୟ ପୃଷ୍ଟି, ଭାବଗ୍ରାହୀ ମିଶ୍ର, ନିରଂଜନ ରାଉତ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, ମୋନାଲିସା ଓଝା, ଅଭିଲିପ୍ସା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଭକ୍ତି କୈବଲ୍ୟର ସମ୍ପାଦକ ତଥା ଅଧାପକ ଡକ୍ଟର କୈଳାସ ବେହେରା ସ୍ଥାନୀୟ କାଉନସିଲର ସୁବାଶିଷ ରାଉତ ଓ ଲକ୍ଷ୍ମୀନାରାୟଣ ପୂଜା କମିଟିର ସଭାପତି ବଳରାମ ସାହୁ, ସମ୍ପାଦକ ବିଶ୍ୱନାଥ ମିଶ୍ର, ବରିଷ୍ଠ ସଭ୍ୟ ନୃସିଂହ ରାଉତ, ଶିକ୍ଷାବିତ ପରମେଶ୍ୱର ନାୟକ, ବରିଷ୍ଠ ସଭ୍ୟ ଖଗେଶ୍ୱର ସାହୁ, ପ୍ରତାପ ନାୟକ, ନୀତେଶ୍ୱର ଚନ୍ଦନ ମହାନ୍ତି, ଅଶ୍ୱନୀ ତେଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ହଜାର ହଜାର ଦର୍ଶକ ଭଜନ ସନ୍ଧ୍ୟାକୁ ଉପଭୋଗ କରିଥିଲେ।


# ଅଧୀର ମାନବିକ ଅଧିକାର ଶାଖାର ଜାତୀୟ ସଭାପତି ନିଯୁକ୍ତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅରାବଳ ପଞ୍ଚାୟତ ସାନବାଲିକୁଦା ଗ୍ରାମର ବିଜେପି ଯୁବନେତା ଅଧୀର କୁମାର ଜେନାଙ୍କୁ ନୂଆଦିଲ୍ଲୀସ୍ଥିତ ମା' ଶାରଦା ଚାରିଟେବୁଲ୍ ଟ୍ରଷ୍ଟ୍‌ର ମାନବିକ ଅଧିକାର ଓ ଦୁର୍ନୀତି ନିବାରଣ ଶାଖାର ଜାତୀୟ ସଭାପତି ଭାବେ ନିଯୁକ୍ତି ମିଳିଛି। ସର୍ବଭାରତୀୟ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କାର ଓ ସେବା କାର୍ଯ୍ୟରେ ନିୟୋଜିତ ଥିବା ଉକ୍ତ ସଂଗଠନର ରାଷ୍ଟ୍ରୀୟ ସଭାପତି ନିଯୁକ୍ତ ହେବା ପରେ ଶ୍ରୀ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶ୍ରୀ ଜେନା ପୂର୍ବରୁ ପିସିସିର ୨ଥର ସଂପାଦକ, ଏକାଧିକ କୃଷକ ସଂଗଠନର ନେତୃତ୍ୱ ନେଇଥିବା ବେଳେ ବର୍ତ୍ତମାନ ସେ ଭାରତୀୟ ଉପଭୋକ୍ତା ସମିତିର ରାଷ୍ଟ୍ରୀୟ ପ୍ରବକ୍ତା ଓ ରାଜ୍ୟ ସଭାପତି ଏବଂ ପାରାମେଡ଼ିକ୍ସ ସଂଘର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ସଂପାଦନ କରିଛନ୍ତି । ଏଥିପାଇଁ ବହୁ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ନିମୁ ସୁଇଟ୍ସ ଓ ରେଷ୍ଟୁରାଂଟରେ ଜନସ୍ୱାସ୍ଥ୍ୟ ବିଭାଗର ଚଢଉ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଏକ ରେଷ୍ଟୁରାଂଟରେ ଯାଜପୁର ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାସି ଖାଦ୍ୟ ନଷ୍ଟ କରାଯିବା ସହ ମାଲିକ ଉପରେ ଜୋରିମାନା କରାଯାଇଛି । ସୂଚନା ମୁତାବକ ଯାଜପୁର ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ଟିମ ଜାରକା ବଜାର ସ୍ଥିତ ନିମୁ ସୁଇଟସ୍ ଏଣ୍ଡ ରେଷ୍ଟୁରାଂଟରେ ଚଢାଉ କରାଯାଇଥିଲା । ଏହି ସମୟରେ ଦୋକାନରେ ମହଜୁଦ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ଯାଂଚ କରିଥିଲେ । ରେଷ୍ଟୁରାଂଟରେ ଥିବା ବାସିଖାଦ୍ୟକୁ ନଷ୍ଟ କରିବା ସହ ସମ୍ପୃକ୍ତ ରେଷ୍ଟୁରାଂଟର ମାଲିକଙ୍କ ଉପରେ ୩ ହଜାର ଟଙ୍କା ଜୋରିମାନା କରାଯାଇଥିଲା । ତେବେ ଗ୍ରାହକ ମାନଙ୍କୁ ଉପଯୁକ୍ତ ମାନର ଖାଦ୍ୟ ଦେବାକୁ ତାଗିଦ କରିଥିଲେ । ବହୁ ଦିନ ପରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଜାରକା ବଜାରରେ ଖାଦ୍ୟ ସୁରକ୍ଷା ବିଭାଗର ଚଢାଉ ହେବା ଯୋଗୁଁ ବଜାରରେ ଥିବା ଅନ୍ୟ ରେଷ୍ଟୁରାଂଟ ମାଲିକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଧର୍ମେନ୍ଦ୍ର ପ୍ରଧାନଙ୍କୁ ଯାଜପୁର ଜିଲ୍ଲା ସଭାପତିଙ୍କ ଦ୍ୱାରା ସମ୍ବର୍ଦ୍ଧନା



ଯାଜପୁର (ପିଏନ୍): ଯାଜପୁର କିଆନାଳୀ ଛକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧାମନଗର ନିର୍ବାଚନୀ ପ୍ରଚାର ଯିବା ବାଟରେ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନଗର ବିଜେପିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com


Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଘରେ ପତ୍ନୀଙ୍କୁ ଭେଟିପାରିବେ ମନୀଷ ସିସୋଦିଆ, କୋର୍ଟରୁ ମିଳିଲା ଆଶ୍ୱସ୍ତି



ନୂଆଦିଲ୍ଲୀ,(ପି.ଏନ): ଦିଲ୍ଲୀ ଅବକାରୀ ନୀତି ମାମଲାରେ ଆମ ଆଦ୍‌ମୀ ପାର୍ଟି ନେତା ମନୀଷ ସିସୋଦିଆଙ୍କୁ ଅନ୍ତରୀଣ ଆଶ୍ୱସ୍ତି ମିଳିଛି। ତାଙ୍କୁ ଆସନ୍ତାକାଲି ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ଘରକୁ ଯାଇ ପତ୍ନୀକୁ ଭେଟି ପାରିବାର ଅନୁମତି ମିଳିଛି। ତେବେ ଏହି ସମୟରେ ସେ ଇଣ୍ଟରନେଟ୍ ବ୍ୟବହାର କରିପାରିବେନି କିମ୍ବା ଗଣମାଧ୍ୟମକୁ କୌଣସି ମତ ଦେବେନି। ଦିଲ୍ଲୀ ହାଇକୋର୍ଟ ଆଜି ଏହି ଅନୁମତି ଓ ନିର୍ଦ୍ଦେଶ ଦେଇଛନ୍ତି।ଏଥିସହ ତାଙ୍କ ପତ୍ନୀଙ୍କ ମେଡିକାଲ ରିପୋର୍ଟ ଆସନ୍ତାକାଲି ସୁଦ୍ଧା ଦେବାକୁ କୋର୍ଟ କହିଛନ୍ତି। ସିସୋଦିଆଙ୍କ ପତ୍ନୀ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେବା ସହ ମତିଷ୍କ ରୋଗ ଓ ସ୍ନାୟୁ ରୋଗରେ ପୀଡିତ।

# ଚାକିରି ଗ୍ରାଜୁଏସନ୍, ଦରମା ମେଟ୍ରିକୁଲେସନ : ଲେଭେଲ-୯ ଦରମା ଦାବିରେ ଅମଲା ସଂଘର ଅନିର୍ଦ୍ଦିଷ୍ଟ କାଳ ଧାରଣା ଆରମ୍ଭ

ବଲାଙ୍ଗୀର, (ପି.ଏନ): ଲେଭେଲ ୯ ଦରମା ଦାବିରେ ଜିଲ୍ଲା ମିଳିତ ଅମଲା ସଙ୍ଘ ପକ୍ଷରୁ ଆଜି ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆ ଯାଇଛି। ସରକାର ଅମଲା ବିଭାଗରେ ଗ୍ରାଜୁଏଟ ମାନଙ୍କୁ ଚାକିରୀ ଦେଇ ମେଟ୍ରିକୁଲେସନ ଦରମା ପ୍ରଦାନ କରୁଛନ୍ତି । ଅମଲା ସଙ୍ଘ ଦୀର୍ଘ ୫ ବର୍ଷ ହେବ ଏହାର ପ୍ରତିବାଦ କରିବା ସହ ଲେଭେଲ ୯ ଦରମା ଦାବି କରି ଆସୁଛି। ଅମଲା ସଙ୍ଘ ସରକାରଙ୍କୁ ଚେତାବନୀ ସଦୃଶ ମଇ ୨୩ ରୁ ୩୧ ପର୍ଯ୍ୟନ୍ତ କଳା ବ୍ୟଚ ପରିଧାନ କରିଥିଲା। କିନ୍ତୁ ତା ସତ୍ୱେ ସରକାର କିଛି ଶୁଣି ନଥିବା ଅଭିଯୋଗ କରାଯାଇଛି। ଅମଲା ସଙ୍ଘ ପକ୍ଷରୁ କୁହାଯାଇଛି ଯେ, ସରକାର ଚାକିରି ଦେବା ବେଳେ ନ୍ୟୁନତମ ଶିକ୍ଷା ଗ୍ରେଜୁଏସନ୍ ରଖୁଛନ୍ତି । କିନ୍ତୁ ସେହି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ସରକାରୀ ଚାକିରି କରୁଥିବା ବ୍ୟକ୍ତିଙ୍କୁ ମେଟ୍ରିକୁଲେସନ ହାରରେ ଦରମା ଦେଉଛନ୍ତି। ଓଆରଏସପି ନିୟମ ୨୦୧୭ ମୁତାବକ ଆମେ ଲେଭେଲ ୯ ଦରମା ପାଇବା କଥା । କିନ୍ତୁ ସରକାର ଖୋଦ ନିୟମ ଖିଲାପ୍ କରୁଛନ୍ତି । ଅମଲା ସଂଘ ଏହି ଦାବିନେଇ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଛି । ସରକାର ବାରମ୍ବାର ଏହାକୁ ଅଣଦେଖା କରିଛନ୍ତି । ଗତ ମଇ ୨୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ଅମଲା ସଂଘ ଏହି ଦାବରେ କଳାବ୍ୟାଚ ପରିଧାନ କରି ସରକାରଙ୍କ ଚରମ ବାଣୀ ଶୁଣାଇଥିଲା । କିନ୍ତୁ ସରକାରଙ୍କ ଅଣଦେଖା ଅମଲା ସଂଘକୁ ଅନିର୍ଦ୍ଦିଷ୍ଟ କାଳ ଛୁଟିରେ ଯିବା ସହ ଧାରଣାରେ ବସିବାକୁ ବାଧ୍ୟ କରିଛି । ଏଥର ଲଢ଼େଇ ଆର୍‌ପାର୍ ହେବ । ଦାବୀ ପୁରଣ ନ ହେବା ଯାଏଁ , ନିଜ ହକ୍ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଅମଲା ସଂଘ କହିଛି।

## ୫-ଟି ଉଚ୍ଚ ବିଦ୍ୟାଳୟ ରୁପାନ୍ତରୀକରଣ ପ୍ରସ୍ତୁତି ବୈଠକ

ଜୟପୁର, (ପି.ଏନ): ଉଚ୍ଚ ବିଦ୍ୟାଳୟ ରୁପାନ୍ତରୀକରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଉଚ୍ଚ ବିଦ୍ୟାଳୟ ବାରିଣିପୁଟ ଠାରେ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବିଦ୍ୟାଳୟ ୫-ଟି ରେ ରୁପାନ୍ତରିତ ହୋଇଛି। ଏଠାରେ ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ବ୍ଲକର ସହକାରି ନିର୍ବାହୀ ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ପ୍ରକଳ୍ପର ବରିଷ୍ଠ ସାଧାରଣ ପରିଚାଳକ କମଳା କାନ୍ତ ପାତ୍ର, ୫-ଟି ରୁପାନ୍ତରୀକରଣ ସହ ଓପନ ଅଡିଟରିୟମ, ଡାଇନିଙ୍ଗ ହଲ ମିଟିଙ୍ଗ ହଲ ଆଦି ନିର୍ମାଣ କରିବାକୁ ବିଧାୟକ ବାହିନିପତି ପରାମର୍ଶ ଦେଇଥିଲେ ।

## ଫକୀର ମୋହନ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ପୁରୀ, (ପି.ଏନ): ଦେବୀଘାଟ ସ୍ଥିତ ତାରା ଟ୍ରଷ୍ଟର ନିଜସ୍ୱ ବାସ ଗୃହରେ ଫକୀର ମୋହନ ବିଦ୍ୟାମନ୍ଦିରର ନବମ ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଧାରମଣ ଟ୍ରଷ୍ଟର ସଂପାଦକ ଗୁରୁଚରଣ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ବେଦାନ୍ତ ସେବା ସମିତିର ବାଲ ସଂସ୍କାର ବିଭାଗର ମୁଖ୍ୟ ଗିରିଶ ଚନ୍ଦ୍ର ଦାସ ଓ ଆଇନଜୀବୀ ମନୋଜ କୁମାର ମହାପାତ୍ର ଉପସ୍ଥିତ ରହି ପିଲାମାନେ ଭଲ ପାଠ ପଢିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ତାରା ଟ୍ରଷ୍ଟର ଅଧ୍ୟକ୍ଷ ତଥା ସ୍କୁଲର ସଭାପତି ଅଭୟ କୁମାର ରାଉତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ତାରା ଟ୍ରଷ୍ଟ ଓ ସ୍କୁଲର ସଂପାଦିକା ରେବତୀ ରାଉତ ଅତିଥି ଭାବେ ଉପସ୍ଥିତ ରହି ପିଲାମାନଙ୍କ ଭବିଷ୍ୟତ ତଥା ସ୍କୁଲର ଉନ୍ନତି ଦିଗରେ ଅଭିଭାଷଣ ରଖିଥିଲେ । ଫକୀର ମୋହନ ବିଦ୍ୟାମନ୍ଦିର ପରିସରରେ ଅତିଥିମାନଙ୍କ ଦ୍ୱାରା ଏକ ନୂତନ ଅନୁଷ୍ଠାନ ଜ୍ଞାନ ମନ୍ଦିର ଶୁଭାରମ୍ଭ କରାଯାଇଥିଲା । ଏଥିରେ ତିନି ବର୍ଷରୁ ସାତ ବର୍ଷର ପିଲାମାନଙ୍କୁ ବୈଦିକ ରୀତିରେ ପାଠପଢା କାର୍ଯ୍ୟକ୍ରମ କରାଯିବ । ସ୍କୁଲର ପ୍ରଧାନ ଆଚାର୍ଯ୍ୟା ତପସ୍ୱିନୀ ସେନାପତି ଓ ଜ୍ଞାନ ମନ୍ଦିର ପ୍ରିନ୍ସପାଲ ବନଲତା ମିଶ୍ରଙ୍କ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟାବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଛୋଟ ଛୋଟ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କୁନି କୁନି ପିଲାମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନୃତ୍ୟଗୁରୁ ସନ୍ତୋଷ କୁମାର ପ୍ରଧାନ ପରିଚାଳନା କରିଥିଲେ ।

# ଅଣସର ପିଣ୍ଡିରେ ପୂଜା ପାଇବେ ପଟିଦିଁଅ

ପୁରୀ, (ପି.ଏନ): ପବିତ୍ରଧାମ ଶ୍ରୀକ୍ଷେତ୍ର । ଭକ୍ତପ୍ରିୟ ଭାବର ଠାକୁର ଭାବଗ୍ରାହୀ ଶ୍ରୀଜଗନ୍ନାଥ । ସ୍ନାନ ବେଦିରେ ଶ୍ରୀଜୀଉ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିବେ । ଏହି ସମୟରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିନପାରି ପଟିଦିଅଁଙ୍କୁ ପ୍ରତୀକ ଦର୍ଶନ କରିବେ । ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ସୁସ୍ଥ କରିବା ପାଇଁ ବିଭିନ୍ନ ଆୟୁର୍ବେଦିକ ଉପଚାର ସହ ଗୁପ୍ତ ସେବା ସମାପାନ କରିବେ । ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ , ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ମା ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା ଭୁବନେଶ୍ୱରୀ ପଟିଦିଅଁ ପୂଜା ପାଇବେ । ଉତ୍କଳୀୟ ସଂସ୍କୃତିରେ ପଟଚିତ୍ରର ପ୍ରଭାବ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥାଏ । ଏହି ପଟିଦିଅଁଙ୍କୁ ଚିତ୍ରକର ସେବାୟତମାନେ ନିର୍ମାଣ କରିଥାନ୍ତି । ଶୀତଳଷଷ୍ଠୀ ଦିନ ପରମ୍ପରା ଅନୁଯାୟୀ ଅନନ୍ତ ନାରାୟଣଙ୍କ ପଟିଚିତ୍ର ଅନୁକୂଳ ହୋଇଥିଲା । ପଞ୍ଚମୀ ତିଥିରେ ବଳଭଦ୍ରଙ୍କ ଅନନ୍ତ ବାସୁଦେବଙ୍କ ପଟିଚିତ୍ର ଅନୁକୂଳ ହୋଇଥିଲା । ସ୍ନାନଯାତ୍ରା ଦିନ ଶ୍ରୀବିଗ୍ରହମାନେ ବାହୁଡ଼ା ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବା ପରେ ଶ୍ରୀମନ୍ଦିରରୁ ଘଂଟ,ଛତା,କାହାଳୀ ବାଜିବା ସହ ଚିତ୍ର ସେବକଙ୍କ ଘରକୁ ଯିବେ । ଚିତ୍ରକର ପରିବାରର ମହିଳାମାନେ ପଟିଦିଅଁଙ୍କୁ ବନ୍ଦାପନା କରିବା ପରେ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିବେ । ଶିତଳଷଷ୍ଠୀ ଦିନ ପନ୍ତି ଭୋଗ ସରିବା ପରେ ଚିତ୍ରକର ସେବକମାନେ ପଟିଲାଗି କରିଥିବା ବେଳେ ରୁକୁଣୀ ହରଣ ଏକାଦଶୀ ଠାରୁ ପଟିରେ ରଙ୍ଗ ଦେଇ ଚିତିତ୍ର କରିବା ଆରମ୍ଭ କରିଥିଲେ । ହେଙ୍ଗୁଳ, ହରିତାଳ, ଶଙ୍ଖ, ଦୀପକଳା, ଖଣ୍ଡନେଳି, ପଟା, ଗେରୁ,କଇଁଥ ଅଠା ଆଦି ପାରମ୍ପରିକ ରଙ୍ଗରେ ପଟିଦିଅଁଙ୍କୁ ଚିତ୍ରକର ସେବକମାନେ ନିର୍ମାଣ କରୁଛନ୍ତି । ପ୍ରଥମେ ନୂଆ କନାରେ ଅଠା,ଖଡ଼ି ପ୍ରଲେପ ଦେଇ ଘସା ପଥର ଦ୍ୱାରା ଘସି ଘସି ଚିକ୍କଣ କରିବା ସହ ପଟି ପ୍ରସ୍ତୁତ କରିଥାନ୍ତି । ପଟିକୁ ଆଙ୍କିବା ପାଇଁ ଗେରୁ ରଙ୍ଗ ଟିପଣା କରାଯାଏ । ପଟି ପସ୍ତୁତ ପରେ ଉକ୍ତ ପଟିରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ଭୁବନେଶ୍ୱରୀଙ୍କ ପ୍ରତିକୃତି ଅଙ୍କନ କରାଯାଇଥାଏ । ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ନିକଟରେ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ. ମାଧବ ଓ ଶ୍ରୀ ନୃସିଂହଙ୍କ ସହ ପଟିଦିଅଁଙ୍କୁ ପୂଜା କରାଯିବ । ପଣାପ୍ରିୟା ସାହିର ଚିତ୍ରକର ସେବକ ଦେବଦତ ମହାରଣାଙ୍କ ନେତୃତ୍ୱରେ ଋତୁରାଜ ମହାରଣା,ସୋନୁ ମହାରଣା,ପବନ କୁମାର ମହାରଣା, ରମେଶ ଚନ୍ଦ୍ର ମହାରଣା, ବିପିନ ମହାରଣା, ସଚ୍ଚିକାନ୍ତ ମହାରଣା, ବିକ୍ରମ ମହାରଣା,ଭୂବନ ମହାରଣା,ତୁଷାର ମହାରଣା,ରତିକାନ୍ତ ମହାରଣା, ଚନ୍ଦ୍ରଶେଖର ମହାରଣା ଓ ମାନସ କୁମାର ମହାପ୍ରଭୁଙ୍କ ପଟଚିତ୍ର ଅନନ୍ତ ନାରାୟଣ ନିର୍ମାଣ କରୁଛନ୍ତି । ଶ୍ରୀବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ମା ଦେବୀ ସୁଭଦ୍ରାଙ୍କ ସ୍ଥାନରେ ପୂଜିତ ହେବାକୁ ଥିବା ମା ଭୁବନେଶ୍ୱରୀ ପଟଚିତ୍ରକୁ ଚିତ୍ରକର ସାହିର ରବି ଶଙ୍କର ମହାରଣାଙ୍କ ନିର୍ଦ୍ଦେଶନାରେ ଅନନ୍ତ ମହାରଣା, ମଦନ ମୋହନ ମହାପାତ୍ର, ରାକେଶ ମହାରଣା, ନିରଞ୍ଜନ ମହାପାତ୍ର, ଚିତରଞ୍ଜନ ମହାରଣା,ରାଜେନ୍ଦ୍ର କୁମାର ମହାରଣା ଓ ପ୍ରଭାକର ମହାରଣା ପ୍ରମୁଖ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି । ଅଣସର ସମୟରେ ଅଣସର ପିଣ୍ଡିରେ ଦଶଅବତାର ଚିତ୍ର ପୂଜିତ ହେବା ପରମ୍ପରା ରହିଛି । ପଟିଦିଅଁ ପ୍ରସ୍ତୁତ କରି ଚିତ୍ରକର ସେବକମାନେ ନିଜକୁ ଧନ୍ୟ ମନେ କରନ୍ତି ।

# ଅପହରଣକାରୀ ବାପା ସମେତ ୫ଜଣଙ୍କୁ ଗିରଫ କଲା ପୋଲିସ

ଖୋର୍ଦ୍ଧା, (ପି.ଏନ): ଟଙ୍କା ପାଇଁ ବେଳେବେଳେ ରକ୍ତ ସମ୍ପର୍କ ମଣିଷ ମଧ୍ୟ ନ ବୁଝି ପର କରିଦିଏ। ଏପରିକି ଟଙ୍କା ପାଇଁ ଅପହରଣ, ହତ୍ୟା ଭଳି ଜଘନ୍ୟ କାଣ୍ଡ ସମାଜରେ ପ୍ରତିଦିନ ଘଟିଆସୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଂଚଳରେ। କିଛି ଟଙ୍କା ଓ ପାରିବାରିକ କଳହ ପାଇଁ ନିଜ ପୁଅକୁ ହିଁ ଅନ୍ୟଦ୍ୱାରା ଅପହରଣ ଉଦ୍ୟମ କରି ବାପା ଗିରଫ ହୋଇଛି। ଏଭଳି ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଏପରିକି ବାଲୁଗାଁ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ବାପ ସମେତ ୫ ଅପହରଣକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପଶ୍ଚିମବଙ୍ଗ ଖଡ଼ଗପୁର ଅଂଚଳର ଅପହରଣକାରୀ ବାପା ଖଗେଶ୍ୱର ବାହୁବଳେନ୍ଦ୍ର ଓ ଅପହରଣରେ ସହଯୋଗ କରିଥିବା ଉକ୍ତ ଅଂଚଳର ମିର୍ଣ୍ଣମୟ ସାହା, ସୁରଜିତ ଧାରା, ଶୁଭମ ଗିରି ଏବଂ ସାକିଲ ଖାଁ। ଅପହୃତଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ କେସ୍ ନଂ. ୧୧୯/୨୩ରେ, ଦଫା ୪୯୮(କ), ୪୪୮, ୪୫୧, ୨୯୪, ୩୨୩, ୫୦୬, ୩୬୫, ୫୧୧, ୩୪ (ଆଇପିସି), ୪ ଡିପିଆର୍ ଆକ୍ଟ ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ବାଲୁଗାଁ ଥାନା କୁମ୍ଭୀରପଡ଼ା ଗ୍ରାମର ରମେଶ ମଙ୍ଗରାଜଙ୍କ ଝିଅ ସରୋଜିନୀ ଗତ ଫେବୃୟାରୀ ୧୫ରେ ପଶ୍ଚିମବଙ୍ଗ ଖଡ଼ଗପୁର ଅଂଚଳର ଖଗେଶ୍ୱର ବାହୁବଳେନ୍ଦ୍ରଙ୍କ ପୁଅ ଅନୀଲଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ, ଆସବାବପତ୍ର କନ୍ୟାଘର ପକ୍ଷରୁ ଦିଆଯାଇଥିଲା।ତେବେ ବିବାହର କିଛି ଦିନ ଭଲରେ ଚଳିବା ପରେ ଶାଶୁ, ଶ୍ୱଶୁର ବାପ ଘରୁ ଆହୁରି ୫ଲକ୍ଷ ଟଙ୍କା ଆଣିବା ପାଇଁ ସରୋଜିନୀକୁ ଚାପ ପକାଇଥିଲେ। ଏହି କଥା ସରୋଜିନୀ ସ୍ୱାମୀଙ୍କୁ ଜଣାଇବାରୁ ସେ ବାପାମାଙ୍କୁ ବୁଝାଇଥିଲେ ମଧ୍ୟ ବାପାମା ଶୁଣି ନଥିଲେ। ଫଳରେ ଘଟଣା ସମ୍ପର୍କରେ ସେ ବାପଘରକୁ ଜଣାଇଥିଲା। ସରୋଜିନୀଙ୍କ ବାପା ରମେଶ ଏନେଇ ଝିଅର ଶାଶୁ ଶ୍ୱଶୁରଙ୍କୁ ବୁଝାଶୁଝା କରି ଟଙ୍କା ପୈଠ ପାଇଁ କିଛି ଦିନ ସମୟ ମାଗିଥିଲେ। ହେଲେ ଟଙ୍କା ଦେବାରେ ବିଳମ୍ବ ହେବାରୁ ସରୋଜିନୀ ଉପରେ ଶାଶୁ ଶ୍ୱଶୁର ନିର୍ଯାତନା ଆରମ୍ଭ କରିଥିଲେ। ସ୍ତ୍ରୀ ପ୍ରତି ହେଉଥିବା ଅନ୍ୟାୟକୁ ଅନୀଲ ସହ୍ୟ କରିପାରୁନଥିଲା। ପିତାମାତାଙ୍କୁ ବୁଝାଇ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ଅନୀଲ ସ୍ତ୍ରୀ ସହ ଆସି ଶ୍ୱଶୁର ଘର କୁମ୍ଭୀରପଡ଼ାରେ ରହୁଥିଲେ। ଏପରିକି ଗତ ୨୯ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଡବ୍ଲ୍ୟୁବି ୩୬କେ ୨୯୬୦ ନଂ. ବିଶିଷ୍ଟ ଏକ କଳା ରଙ୍ଗର କାର୍‌ରେ ବାପ ସମେତ ୪ଜଣ ଦୁର୍ବୃର୍ତ୍ତ କୁମ୍ଭୀରପଡ଼ା ଗ୍ରାମରେ ପହଂଚିଥିଲେ। ଏହି ସମୟରେ ରମେଶ, ଝିଅ ଓ ଜ୍ୱାଇଁ ସପରିବାର ଘରେ ବସିଥିବା ବେଳେ ଅପହରଣକାରୀମାନେ ଜବରଦସ୍ତ ଘରେ ପଶି ଅନୀଲକୁ ଉଠାଇ ନେବା ପାଇଁ ଉଦ୍ୟମ କରିଥିଲେ। ପରିବାର ଲୋକ ପ୍ରତିବାଦ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ପହଂଚି ଅପହରଣକାରୀଙ୍କ କବଳରୁ ଅନୀଲକୁ ଉଦ୍ଧାର କରିଥିଲେ। ପରେ ଖବରପାଇ ବାଲୁଗାଁ ପୋଲିସ ପହଂଚି ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପି ଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ୍ତତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଆଖିପିଛୁଳାକେ ଖବର ସବୁ ଆଡ଼େ ବ୍ୟାପିଗଲା


ସୁଚରିତା ମହାନ୍ତି

ନାଟକ ପାଇଁ ହେଉଥିବା ଆଲୋଚ଼ନା ଅଧାରୁ ବନ୍ଦ ହୋଇଗଲା । ସତରେ ଲାଗିଲା ଯେମିତି ଅଚ଼ାନକ ଚ଼ଢ଼କ ଟେ ମୁଣ୍ଡ ଉପରେ ଖସି ପଡ଼ିଲା।

ଯିଏ ଯୁଆଡ଼ ? ଆମେ ପଳେଇ ଆସିଲୁ।

ଟି.ଭି ସମାଚ଼ାର ସାଙ୍ଗକୁ ବାରମ୍ବାର ଫୋନ୍ । ସମସ୍ତଙ୍କୁ ବ୍ୟସ୍ତବିବ୍ରତ କରିପକାଇଲା ଟ୍ରେନ ଦୁର୍ଘଟଣା।

ବାଲେଶ୍ୱର ବାହାନଗା ରେ କରମଣ୍ଡଳ ଏବଂ ମାଲବାହୀ ଟ୍ରେନ ଲାଇନଚ୍ୟୁତ, ଦୁଇଟି ଭିତରେ ଧକ୍କା ହୋଇ କେତେ ଜନଜୀବନ ଅକାଳରେ ଝଡ଼ି ପଡ଼ିଲା । କେତେଜଣ ସାଂଘାତିକ ଭାବରେ ଖଣ୍ଡିଆ ଖାବରା ହେଲେ କିଛି ର ହିସାବ ନାହିଁ।

କାହାର କେଉଁ ଅଙ୍ଗ ନଷ୍ଟ ହେଲା ଜାଣିବା କଷ୍ଟକର। ଯନ୍ତ୍ରଣା ଛଟପଟ ହୋଇ ଉଦ୍ଧାର କରିବାକୁ ବିକଳ ଚ଼ିତ୍କାର ଶୁଭୁଥିବା ସମୟରେ ଦୁର୍ଘଟଣା ଘଟିଥିବା ସ୍ଥାନରେ ସ୍ଥାନୀୟ ଜନସାଧାରଣ ଧାଇଁ ଆସିଥିଲେ ସାହାଯ୍ୟ ର ହାତ ବଢ଼ାଇବା ଲାଗି ।ଆହା ଚ଼' ଚ଼ା' ଧାଁ ଧଉଡ଼ ଆରମ୍ଭ ହୋଇଗଲା। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଥିଲା ।

ଏମିତି ଶୋକାକୁଳ ପରିବେଶ ସୃଷ୍ଟି ହେବ ଏକଥା କିଏ ବା କାହିଁକି ଭାବିବାକୁ ଯିବ । ମରିବା ଲୋକ କେତେ ବଞ୍ଚିବା ଲୋକ କେତେ ତା'ର ଆକଳନ କରିବା କଷ୍ଟକର।

ମୃତ୍ୟୁ ଭଲମନ୍ଦ, ସମୟ ଅସମୟ, ବୁଢ଼ା ଟୋକା କିଛି ତ ବୁଝିଲାନି। ଛଡ଼ ?ଇ ନେଇଗଲା ସମ୍ପର୍କର ସବୁ ଖିଅ ଛିଣ୍ଡେଇ ।

ଗୋଟିଏ ପରେ ଗୋଟିଏ ଶବ ଲମ୍ବା ଧାଡ଼ି କରି ଶୁଆଇ ଦିଆ ହେଉଥାଏ। ଚ଼ିକିତ୍ସା ପାଇଁ ହସ୍ପିଟାଲ୍ କୁ ପଠେଇବା ବ୍ୟବସ୍ଥା ସହିତ ଯେଉଁମାନଙ୍କୁ ରକ୍ତ ଦେବା ଆବଶ୍ୟକ ସେଥିପାଇଁ ଅନେକ ଯୁବକ ଆସି ରୁଣ୍ଡ ହୋଇଗଲେ।

ବିପଦ ସମୟରେ ନିଜର ସ୍ୱାର୍ଥ କୁ ଭୁଲି ମାନବିକତାର ପରିଚ଼ୟ ଦେଇ ଈଶ୍ୱର ସଦୃଶ୍ୟ ସମସ୍ତ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚି ସାନ୍ତ୍ୱନା ଦେବା ତାଙ୍କ ଘର ପରିବାର ଙ୍କ ସହିତ ଯୋଗାଯୋଗ କରେଇବା ଏବଂ ଔଷଧ ଯୋଗାଇ ଦେବାକୁ ଭୁଲି ନାହାଁନ୍ତି।

ସମସ୍ତଙ୍କୁ ଏକା ସାଙ୍ଗରେ ସାହାଯ୍ୟର ହାତ ବଢ଼ାଇବା ସମ୍ଭବ ନୁହେଁ କିଏ କେଉଁଠି କିଭଳି ଅବସ୍ଥାରେ ଅଛନ୍ତି ତା' ଜାଣିବା ବି କାଠିକର ପାଠ।

ଏପରି ଭୟଙ୍କର ଦୁଃଖଦାୟକ ଘଟଣା ସ୍ଥଳରେ କିଛି ନିମ୍ନ ମାନସିକତାର କୃତଘ୍ନ ମଣିଷ ପହଞ୍ଚି ମୃତ ଏବଂ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଲୋକଙ୍କ ପାଖରେ ଥିବା ସାମଗ୍ରୀ ଲୁଟିବାରେ ବ୍ୟସ୍ତ ଥା'ନ୍ତି ।ରାତି ବଢ଼ି ବଢ଼ି ଯାଉଥିଲା ଅସହାୟତା ମଧ୍ୟ ସେଇ ପରିମାଣରେ ବଢୁଥିଲା ।

ଶହଶହ ଶବ ଦେଖି କାହାର ବା ଧୈର୍ଯ୍ୟ ରହିବ । ସମସ୍ତେ କହୁଥାନ୍ତି ହେ ପ୍ରଭୁ ! ଏମିତି ଦୁଃଖ ଆଉ କାହାକୁ ନଦିଅ ।

ଏବେ ତ ସରକାର କଡ଼ାକଡ଼ି ନିୟମ କରିଥିଲେ ଯେମିତି ଦୁର୍ଘଟଣା ରେ କାହାର ମୃତ୍ୟୁ ନହୁଏ ହେଲେ ହେଲା କ'ଣ ?

କେଇଟା ଦିନ ନ ପୂରଣ ଦୁର୍ଘଟଣା ରେ କୁଢ଼ କୁଢ଼ ଶବ ଆମ ଆଖି ସାମ୍ନାରେ ଗଦା ହୋଇ ଗଲା।

ଆଗରୁ ଏମିତି କେତେ ଦୁର୍ଘଟଣା ମଣିଷର ମାନସିକସ୍ଥିତି କୁ ଦୋହଲାଇ ଦେଇଚ଼ି।

ଏଇ ଦୁର୍ଘଟଣା ଏବେ କିଛି ଦିନ ଧରି ତୁଣ୍ଡି ତୋଫାନ ର ମନ୍ତ୍ର ସାଜିବ ।ତର୍କ ବିତର୍କ ଲାଗି ରହିବ ।କାଦୁଅ ଫିଙ୍ଗା ଫିଙ୍ଗି ଜୋର୍ ଧରିବ କିନ୍ତୁ ମଲା ମଣିଷ କି ଫେରି ଆସିବ ନା ହରେଇ ଥିବା ପ୍ରିୟ ପରିଜନଙ୍କ ଦୁଃଖ ପରିବାର ଭୁଲି ପାରିବ ?

ରାଜନୀତି ର ମାୟା ଜାଲ ରେ ଦୁସ୍ଥ ମଣିଷ ର ନ୍ୟାୟ ହଜି ନଯାଉ।

ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯିଏ ସ୍ୱଚ଼କ୍ଷୁରେ ଦେଖିଥିବ ସେ ବୁଝିପାରିବ ମଣିଷ ଜୀବନର ମୂଲ୍ୟ କ'ଣ ।

କାହା ଭୁଲ୍ ପାଇଁ କିଏ ଦଣ୍ଡ ପାଏ । କେଇଟା ଟଙ୍କା କ୍ଷତିପୂରଣ ବାବଦକୁ ମିଳିଗଲେ କ'ଣ ଲୋକଙ୍କ ଛାତିରେ ଲାଗିଥିବା ଦୁଃଖ ଓ ଭୟର ଦାଗ ଉଭେଇ ଯିବ ନା ହରେଇଥିବା ପ୍ରିୟଜନ ଙ୍କର ଅଭାବ ପୂରଣ କରିହେବ ।

ପାଞ୍ଚ ଶହ ରୁ ଏକ ହଜାର ଶବ ଯଦି ଆମ ଆଖି ଆଗରେ ପାଉଁଶ ପାଲଟି ଯିବେ ତା'ହେଲେ ଆମ ଦେହରେ ପ୍ରାଣ ଅଛି ବୋଲି ଭାବିବା ହୁଏତ ଭୁଲ୍ ହୋଇଯିବ ।

ଆମ ଓଡ଼ିଶା ପାଇଁ ଏ ଦୁର୍ଘଟଣା ପ୍ରକୃତରେ ଦୁର୍ଭାଗ୍ୟଜନକ। ଯାହା ପୁଣି ଏକ ଇତିହାସ ପୃଷ୍ଠା ରେ ଲୁହ ଏବଂ ଲହୁ ରେ ଲିପିବଦ୍ଧ ହୋଇ ରହିଯିବ ।

ମାହାଙ୍ଗା, କଟକ
ମୋ : ୮୯୧୭୫୭୧୨୦୨

2023-2024

ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservation as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Sunday June 04, 2023 ଭୁବନେଶ୍ୱର ରବିବାର, ଜୁନ ୦୪,୨୦୨୩ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com


# ବାହାନଗା ରେଳ ଦୁର୍ଘଟଣା ସ୍ଥଳ ପରିଦର୍ଶନ କଲେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଓ ପ୍ରଭାରୀ ଡ. ଏ ଚେଲା କୁମାର

ଭୁବନେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଗତକାଲି ହୋଇଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ସ୍ଥଳ ଆଜି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଓ ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପରିଦର୍ଶନ କରିଛନ୍ତି। ସେମାନଙ୍କ ସହ ପୂର୍ବତନ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ସାଂସଦ ଅନ' ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସଂଜିବ ଗିରି ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ଓ ବାଲେଶ୍ୱର ଡାକ୍ତରଖାନା, ସୋର ଡାକ୍ତରଖାନା ପରିଦର୍ଶନ କରି ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କୁ ଭେଟିଥିଲେ ଏବଂ ସେମାନଙ୍କର ଆଶୁଆରୋଗ୍ୟ କାମନା କରିଥିଲେ। ପିସିସି ପକ୍ଷରୁ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କ ପ୍ରତି ଗଭୀର ଶୋକପ୍ରକାଶ



କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ। ଏହି ଦୁଃଖଦ ଘଟଣା ଘଟିବା ପରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ତ୍ୱରୀତ ସାହାଯ୍ୟ କାର୍ଯ୍ୟ କରାଯାଇଥିଲା। ସେଥିପାଇଁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଓ ସ୍ଥାନୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ସେଠୀ, ବିଶ୍ୱଜିତ ଦାଶ, ବନ୍ଦିତା ପରିଡ଼ା, ୟାସିର ନୱାଜ, ପିସିସି ସାଧାରଣ ସଂପାଦକ ମାନସ ରନ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ଶ୍ରୀନିବାସ ରାଉତରାୟ, ତରୁଣ ମିଶ୍ର, ଦୀପକ ମହାପାତ୍ର, ମନୋଜ ରାଉତ, ସୁବ୍ରତ ମହାପାତ୍ର, ନଳିନୀ ମହାନ୍ତି, ଅଶୋକ ଦାସ, ପଦ୍ମାକର ଗୁରୁ, ଦୁର୍ଯ୍ୟୋଧନ ବେହେରା, ନିରୋଜ ଦାସ, ରିତ ପାତ୍ର, ଜ୍ଞାନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପତି, ନରୋତମ ନାୟକ, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ଯୋଗଦେଇଥିଲେ।

## ବାଲେଶ୍ୱରର ରେଳ ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବୀ

ଭୁବନେଶ୍ୱର, (ପି.ଏନ): ଗତ ୨ ତାରିଖରେ କରୋମଣ୍ଡ ଏକ୍ସପ୍ରେସ ବାଲେଶ୍ୱର ଜିଲ୍ଲା ନିକଟସ୍ଥ ବାହାନାଗ ଠାରେ ଏକ ଦୁର୍ଭାଗ୍ୟଜନକ ଘଟଣା। ଏତେ ଅଧିକ ସଂଖ୍ୟକ ଲୋକ ମୃତାହତ ଓ ଆହତ ପୂର୍ବରୁ କୌଣସି ରେଳ ଦୁର୍ଘଟଣା ହୋଇନଥିଲା। ଏହି ରେଳ ଦୁର୍ଘଟଣା ଏକ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଅନୁସଂଧାନ କରାଯିବ ଏବଂ ସମସ୍ତ ମୃତ୍ୟୁ ପରିବାରବର୍ଗଙ୍କୁ ଅନ୍ୟୁନ୍ୟ ୨୫ ଲକ୍ଷ ଟଙ୍କା କ୍ଷତିପୁରଣ ଓ ଆହତ ଲୋକମାନଙ୍କୁ ମାଗଣା ଚିକିତ୍ସା ସହିତ ଅନ୍ୟୁନ୍ୟ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ, ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଦାବୀ କରିଛନ୍ତି।

# ବାହାନଗା ଟ୍ରେନ ଦୁର୍ଘଟଣାର ଆହତ ଯାତ୍ରୀଙ୍କ ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର (ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବାହାନଗା ଟ୍ରେନ ଦୁର୍ଘଟଣାର ଆହତ ଯାତ୍ରୀଙ୍କ ପାଇଁ ରେଡକ୍ରସ ଭବନ ଭୁବନେଶ୍ୱର ଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେହିପରି ଗତକାଲି ବାଲେଶ୍ୱର ଏବଂ ଭଦ୍ରକ ଠାରେ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ରକ୍ତଦାନ ଶିବିର ହୋଇଥିଲା। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଧିକ ସଂଖ୍ୟକ ରକ୍ତ ୟୁନିଟ ଆହତ ଟ୍ରେନ ଯାତ୍ରୀଙ୍କୁ ଯୋଗାଇ ଦେବାପାଇଁ ଏହି କାର୍ଯ୍ୟକ୍ରମ କରୁଛନ୍ତି। ଭୁବନେଶ୍ୱର ଠାରେ ଏହି ରକ୍ତଦାନ ଶିବିରରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ଅନୁଲେଖା ବୋଷା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଜ ରାଉତ, ରଣଜିତ ସେନାପତି, ସମିର ରାଉତ, ଉଦ୍ଦିତ ନାରାୟଣ ପ୍ରଧାନ, ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଉଡାଜାହାଜ ଅବତରଣ ପଡିଆ ପାଚେରୀ ଭୁଶୁଡି ୨ ମୃତ,୩ ଶ୍ରମିକ ଗୁରୁତର

ମାଲକାନଗିରି ,(ପି.ଏନ): ମାଲକାନଗିରି ଠାରେ ନବନିର୍ମିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ଉଡାଜାହାଜ ଅବତରଣ ପଡିଆ ପାଚେରୀ କାନ୍ଥ ଭୁଶୁଡି ୨ ଜଣ ଶ୍ରମିର ମତ୍ୟୁ ବରଣ କରିଥିବା ବେଳେ ୩ ଜଣ ଗୁରୁତର ଆହାତ ହୋଇ ବର୍ତ୍ତମାନ ମାଲକାନଗିରି ମୁଖ୍ୟ ଜିଲ୍ଲା ହସ୍ପିଟାଲରେ ଚ୍ଚିକିସ୍ଚିତ ହେଉଥିବା ଜଣାପଡିଛି ଓତେବେ ପାଚେରୀ କାର୍ଯ୍ୟ ଅତି ନିମ୍ନମାନ ନିର୍ମାଣ ହେତୁ ଗତ ଗୁରୁବାର ଦିନ କାଳବୈଶାଖୀ ଝଡ ବତାସରେ କାନ୍ଥ ଭୁଶୁଡି ପଡିଥିଲା ଏବଂ କାନ୍ଥ ପାର୍ଶ୍ୱରେ ଆଶ୍ରୟ ନେଇଥିବା ଶ୍ରମିକମାନେ ଦୁର୍ଘଟଣା ଶିକାର ହୋଇଥିଲେ ଓ ମାଲକାନଗିରି ଉଡାଜାହାଜ ପଡିଆର ପାଚେରୀ କାନ୍ଥ ନିର୍ମାଣ ଦାୟିତ୍ୱ ମାଲକାନଗିରି ପୂର୍ତ୍ତ ବିଭାଗକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ୬ କିମି ପାଚେରୀ ନିର୍ମାଣ ପାଇଁ ୫ କୋଟି ୪୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ବେଳେ ଜୟପୁର ଠିକାଦାର ସ୍ୱରାଜ ସାହୁଙ୍କୁ ଟେଣ୍ଡର ମାଧ୍ୟମରେ ଏହି କାର୍ଯ୍ୟ ପ୍ରାପ୍ତ ହୋଇଛି ଓ ଗତ ୨୦୨୩ ଜାନୁଆରୀ ମାସରୁ ନବନିର୍ମିତ ପାଚେରୀ କାନ୍ଥ କାର୍ଯ୍ୟ ଆରମ୍ଭ କରାଯାଇଛି ଓତେବେ ଏହି କାର୍ଯ୍ୟ ଅତି ନିମ୍ନମାନର ହେତ ଗତ ଗୁରୁବାର ଅପରାହ୍ନ ୪ଟି ସମୟରେ କାଳବୈଶାଖି ଝଡ ବତାସରେ ପାଚେରୀ କାନ୍ଥ ଭୁଶୁଡି ପଡିଥିଲା ଓତେବେ ସେହି ଦିନ ଉକ୍ତ ପାଚେରୀ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ଜଣ ନିର୍ମାଣ ଶ୍ରମିକ ସେହି ଠାରେ ଆଶ୍ର ନେଇଥିବା ବେଳେ କାନ୍ଥ ଭିଶୁଡି ତାଙ୍କ ଉପରେ ପଡି ଯାଇଥିଲା ଓଘଟଣା ସ୍ଥଳରେ ଏମଭି-୩ ଗ୍ରାମର ମନୋଜ ହେମ୍ବ୍ରମ (୧୯) ଏବଂ ଗନ୍ଦିପଲ୍ଲୀ ଗ୍ରାମର ତିଳୋତମା ବେନିଆ (୪୦)ଙ୍କ ମୃତ୍ୟୁ ହୋଇଥି ବେଳେ ଗନ୍ଦିପଲ୍ଲୀ ଅର୍ଜୁନ ବେନିଆ (୪୫),ଏମଭି-୩ ଗ୍ରାମର ଲୁବେନ ସୋରେନ(୨୮) ଏବଂ ଗନ୍ଦିପାଲ୍ଲୀ ଗ୍ରାମର ଅମ୍ବିକା କିସକୁ (୨୦) ଗୁରୁତର ଆହାତ ହୋଇ ମାଲକାନଗିରି ସଦର ମହକୁମା ଜିଲ୍ଲା ହସ୍ପିଟାଲରେ ଚ୍ଚିକ୍ସିତ ହେଉଛନ୍ତି ଓତେବେ ଅର୍ଜୁନ ବେନିଆଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ଲୁବେନ ସୋରେନଙ୍କ ଅଣ୍ଟା ଭାଙ୍ଗି ଯାଇଛି ଓବର୍ତ୍ତମାନ ସରକାରୀ ହସ୍ପିଟାଲରେ ଆହାତ ମାନଙ୍କୁ ଚ୍ଚିକିତ୍ସିତ କରାଯାଉଥିବା ବେଳେ ପୂର୍ତ୍ତବିଭାଗ ଏହାର ଉନ୍ନତ ମାନର ଚ୍ଚିକିତ୍ସା ଲାଗି କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ ହୋଇଛି ଓଏହାବ୍ୟତୀତ ମୃତ୍ୟୁ ବରଣ କରିଥିବା ପରିବାର ବର୍ଗଙ୍କୁ କ୍ଷତି ପୁରଣ ଲାଗି ମାଲକାନଗିରି ପୂର୍ତ୍ତ ବିଭାଗ ବା ଜୟପୁର ଠିକାଦାର ସ୍ୱରାଜ ସାହୁ କୌଣସି ଅନୁକମ୍ପା ରାଶି ପ୍ରଦାନ ଲାଗି ଘୋଷଣା କରି ନାହାନ୍ତି ଓଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଠିକାଦାର ସାନ୍ତ୍ୱନା ଦେବା ଲାଗି ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣା ପଡିଛି ଓଏତେ ବଡ ଦୁରିଘଟଣା ଘଟିଲା ପରେ ମଧ୍ୟ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରା ଶ୍ରମିକମାନଙ୍କ ଠିକଣା ବର୍ତ୍ତମାନ ସୁଦ୍ଧା ଜ୍ଞାତ ନଥିବା ଜଣା ପଡିଛି ଓଏହି ପାଚେରୀ କାର୍ଯ୍ୟ ଅତି ନିମ୍ନମାନର ହେତୁ କନିଷ୍ଠଯନ୍ତ୍ରୀ ସନାତନ ମାଝୀ,ଏସଡିଓ ତପନ ମାହାଲିକଏବଂ ଅଧୀକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରାଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରିବାକୁ ବିଭିନ୍ନ ରାଜନୈତିକ ମହଲରେ ଦୃଢ ଦାବି ହୋଉଛି ଓଏହାବ୍ୟତୀତ ୨ ଜଣ କାର୍ଯ୍ୟରତ ୨ ଜଣ ଶ୍ରମିକ ମତ୍ୟୁ ବରଣ କରିଥିବାରୁ ଠିକାଦାରଙ୍କୁ ୩୦୨ ଦଫାରେ ଗିରଫ କରିବା ସହ ତାଙ୍କର ଲାଇସେନ୍ସକୁ ବ୍ଲାକ୍ ଲିଷ୍ଟ କରିବା ପାଇଁ ଦାବି ହୋଇଛି ଓଉନ୍ନତମାନର ପାଚେରୀ ନିର୍ମାଣ,ମୃତ୍ୟୁ ବରଣ କରିଥିବା ପରିବାର ବର୍ଗଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତି ପୂରଣ ଦେବାକୁ ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି ଓ ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ନନେଲେ କଂଗ୍ରେସ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛି ଓଏହା ବ୍ୟତୀତ ପୂର୍ବତନ ସାଂସଦ ତଥା ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ ନିମ୍ନମାନର କାର୍ଯ୍ୟ ହେତୁ ଏ ଭଳି ଦୁଇ ଜଣ ଆଦିବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଲା ,ଏଣୁ ମୁଖ୍ୟମନ୍ତ୍ରୀଙ୍କ ଜିରୋ ଟଲେରେଣ୍ଟ ନୀତିକୁ ଆପଣାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମାଝୀ ଗଣ ମାଧ୍ୟମକୁ କହିଛନ୍ତି ।

## ପିସିସି ଅନୁସୂଚିତ ଜାତି ବିଭାଗର ସାଙ୍ଗଠନିକ ବୈଠକରେ ବାହାନାଗ ରେଳ ଦୁର୍ଘଟଣା ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲା ନିକଟସ୍ଥ ବାହାନାଗ ଠାରେ ଘଟିଥିବା ବିଭତ୍ସ ରେଳ ଦୁର୍ଘଟଣାରେ ମୃତକଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତୀ ବିଭାଗରୁ ଆଜି ଗଭୀର ଶୋକ ପ୍ରକାଶ କରାଯିବା ସହିତ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ତତ୍‌ସଂଗେ ସଂଗେ ମୃତ ବ୍ୟକ୍ତିଙ୍କୁ ୨୦ ଲକ୍ଷ ଏବଂ ଆହତ ବ୍ୟକ୍ତିଙ୍କୁ ସଂପୂର୍ଣ୍ଣ ମାଗଣା ଚିକିତ୍ସା ଯୋଗାଇ ଦେବା ପାଇଁ ଦାବୀ କରାଯାଇଛି।

# ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଭୁବନେଶ୍ୱର ଟପ୍ପର ହୋଇଥିବାରୁ ତାଙ୍କୁ 'ଆମୋଫୋଇ' ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ଜୁନ୍ ୯ ଉତ୍ସବରେ

ଭୁବନେଶ୍ୱର,(ପି.ଏନ): ମେଧାଶକ୍ତି ଥିବା ପୁଅଝିଅଙ୍କ ପିତାମାତା ବସ୍ତି ବସିନ୍ଦା ହୋଇପାରନ୍ତି। ମେଧାବୀ ଛାତ୍ରଛାତ୍ରୀଙ୍କର ସଂକଳ୍ପ ଓ ନିଷ୍ଠା ଥିଲେ ସେ ଯେ ବିଜ୍ଞାନ ଭଳି କଷ୍ଟକର ପାଠରେ ଟପ୍ପର ହୋଇପାରନ୍ତି ତାହା ରାଜଧାନୀର ବେହେରା ସାହି ବସ୍ତିରେ ରହୁଥିବା ବର୍ଷାରାଣୀ ସ୍ୱାଇଁ ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା କ୍ଷେତ୍ରରେ ପ୍ରମାଣିତ କରିଛନ୍ତି। ସେ ୫୬୪ ମାର୍କ ରଖି ସାରା ରାଜ୍ୟରେ ୧୨ ନମ୍ବର ସ୍ଥାନରେ ରହିଛନ୍ତି। ତାଙ୍କର ପିତା



ସନ୍ତୋଷ କୁମାର ସ୍ୱାଇଁ ଏକ କ୍ଷୁଦ୍ର ଆଜବେଷ୍ଟ ଘରେ ରହୁଛନ୍ତି। ଏହି ମେଧାବିନୀ ଛାତ୍ରୀଙ୍କ କୃତିତ୍ୱ ପଛରେ ବରମୁଣ୍ଡା ପାଢ଼ୀ ଟ୍ୟୁଟୋରିଆଲ୍‌ର ବଡ଼ ଭୂମିକା ରହିଛି। ବର୍ଷାରାଣୀଙ୍କୁ ସଂସ୍କାରବାଦୀ ସଂଗଠନ "ଆମୋଫୋଇ" ପକ୍ଷରୁ ଜୁନ୍ ୯ ତାରିଖ ପୂର୍ବାହ୍ନରେ ରେଡ୍‌କ୍ରସ ଭବନ ସଭାଗୃହରେ ଆୟୋଜିତ ବାର୍ଷିକ ଉତ୍ସବ ଯୋଗେ ସମ୍ବର୍ଦ୍ଧିତ କରାଯିବ ବୋଲି "ଆମୋଫୋଇ" ପ୍ରତିଷ୍ଠାତା ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# କୋଲୁହାପାଟଣାରେ ରାଷ୍ଟ୍ରଶକ୍ତି ମିଶନ ପକ୍ଷରୁ ରକ୍ତଦାନ ଶିବିର,୨୦ୟୁନିଟ ରକ୍ତ ସଂଗୃହିତ

ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ଶୁଭଶ୍ରୀ କ୍ଲବ ପରିସରରେ ରାଷ୍ଟ୍ରଶକ୍ତି ମିଶନ ପକ୍ଷରୁ ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ରକ୍ତ ଯୋଗାଇବା ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।ଏଥିରୁ ମୋଟ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟ ଅଧିକାରୀ ଡ଼ଃ ସୌରଭ ରାୟ, ଲାବ ଟେକନିସିଆନ ଅରୁଣ କୁମାର ସାହୁ, ଅନିରୁଦ୍ଧ ସ୍ୱାଇଁ ଓ ଷ୍ଟାଫ ନର୍ସ ଝାନସୀରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିବା ବେଳେ



ବେଗୁନିଆ ସକାଳ ପ୍ରତିନିଧି ଯୋଗେଶ୍ୱର ପଣ୍ଡା କାର୍ଯ୍ୟକ୍ରମକୁ ପରିଚ୍ଳାନା କରିଥିଲେ ।ସମାଜସେବୀ ଅନ୍ତର୍ଯ୍ୟାମୀ ପଣ୍ଡା ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।ଦମ୍ପତି କୁଳମଣି ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ ପ୍ରଥମେ ରକ୍ତଦାନ କରି ଶିବିରକୁ ଉଦଘାଟନ କରିଥିଲେ ।ରକ୍ତଦାତା ମାନେ ହେଲେ ସୁନୀଲ ବେହେରା,ସନ୍ତୋଷ କୁମାର ସାହୁ,ସୁଜିତ କୁମାର ପଣ୍ଡା,ଉଦ୍ଧବ ନାୟକ,ମାନିନୀ ପାଣିଗ୍ରାହୀ,ବିଶ୍ୱଜିତ ଦଳେଇ,ବନ ବିହାରୀ ପଣ୍ଡା,ସ୍ୱର୍ଣ୍ଣଲତା ପଣ୍ଡା,ସନ୍ତୋଷ କୁମାର ଦାଶ,ସୁକାନ୍ତି ସାହୁ,କାଳନ୍ଦି ପାତ୍ର,ସିକୁନ ପାଣିଗ୍ରାହୀ,ଜୟନ୍ତ ତ୍ରିପାଠୀ, ରବୀନ୍ଦ୍ର ନାଥ ସାହୁ, ବିରୁପାକ୍ଷ ପ୍ରଧାନ ଓ ଯୋଗେଶ୍ୱର ପଣ୍ଡା ପ୍ରମୁଖ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray